
ଧରିତ୍ରୀ
DHARITRI

December 14-20, 2025 ₹ 2/-

ଧରିତ୍ରୀ DHARITRI 52 Years

ଛୁଟିଦିନ



# ମୁଁ ଅଛି ତୋ’ ପାଖେ

୩

ପ୍ରଚ୍ଛଦ ପ୍ରସଙ୍ଗ

ମା’ ଓ ସନ୍ତାନର ଭଲପାଇବା ସବୁଠାରୁ ଊର୍ଦ୍ଧ୍ୱରେ। ଏହାର କୌଣସି ବିକଳ୍ପ ନାହିଁ । କିନ୍ତୁ ଏଠାରେ ଏମିତି କେତେଜଣ ମା’ ଓ ସନ୍ତାନଙ୍କ କଥା ଉଲ୍ଲେଖ ରହିଛି, ଯେଉଁମାନେ ପରସ୍ପରଠାରୁ ଦୂରେଇ ଯାଇ ଖୁବ୍ ଝୁରି ହୋଇଛନ୍ତି । ଆଉ ନିଜକୁ ସାନ୍ତ୍ୱନା ଦେବା ପାଇଁ ବିକଳ୍ପ ଭାବରେ କେତେବେଳେ ଫଟୋ ତ କେତେବେଳେ ଯନ୍ତ୍ରର ସାହାରା ନେଇ କହିଛନ୍ତି ମୁଁ ଅଛି ତୋ’ ପାଖେ...

# ଖାଦ୍ୟ ଦେବ ଉଷ୍ମତା

**ଶୀତଦିନେ ଥଣ୍ଡାରୁ ରକ୍ଷା କରେ ଶୀତବସ୍ତ୍ର । ତେବେ ଶରୀର ପାଇଁ ବାହ୍ୟ ଉଷ୍ମତା ସହ ଆଭ୍ୟନ୍ତରୀଣ ଉଷ୍ମତାର ମଧ୍ୟ ଯଥେଷ୍ଟ ଆବଶ୍ୟକତା ରହିଛି; ଯାହା ମିଳିଥାଏ କିଛି ବିଶେଷ ଖାଦ୍ୟ ପଦାର୍ଥରୁ...**

✲ **ମହୁ:** ଶରୀରକୁ ସୁସ୍ଥ, ନୀରୋଗ ଏବଂ ଫୁର୍ତ୍ତି ରଖିବାରେ ମହୁର ବିଶେଷ ଭୂମିକା



ରହିଥାଏ । ତେଣୁ ଆୟୁର୍ବେଦରେ ମହୁକୁ ଅମୃତ ସହ ତୁଳନା କରାଯାଇଥାଏ । ପାଚନକ୍ରିୟାକୁ ଠିକ୍ ରଖିବା, ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବାରେ ମହୁର ଭୂମିକା ଗୁରୁତ୍ୱପୂର୍ଣ୍ଣ । ଏହା ଶରୀରରେ ଫୁର୍ତ୍ତି ଆଣେ ।

✲ **ଗୁଡ଼:** ଏହାକୁ ଖାଇଲେ ଅଧକପାଳି ମୁଣ୍ଡବିନ୍ଧା, ଥଣ୍ଡା, ଶ୍ୱାସରୋଗରୁ ଉପଶମ ମିଳିବା ସହ ପାଚନକ୍ରିୟା ଠିକ୍ ହୋଇଥାଏ । ଶୀତଦିନେ ଗୁଡ଼ ଓ ରାଶି କିମ୍ବା ଗୁଡ଼ ଓ ଚିନାବାଦାମର ଲଡୁ ଖାଇଲେ ଶରୀରକୁ ଉଷ୍ମତା ମଧ୍ୟ ମିଳିଥାଏ ।

✲ **ରାଶି:** ଶୀତଦିନେ ମିଶ୍ରି ପାଣିରେ ରାଶିକୁ ଫୁଟାଇ ପିଇଲେ ଛାତିରେ ଜମାଟ ବାନ୍ଧିଥିବା କଫ ସମସ୍ୟାରୁ ବି ମୁକ୍ତି ମିଳିଥାଏ ।

✲ **ଖଜୁରି:** ସୁପର ଫୁଡ୍ ଲିଷ୍ଟ ଭିତରେ ଖଜୁରିର ନାଁ ଆସେ । ଏଥିରେ ବିଭିନ୍ନ ପ୍ରକାରର ଭିଟାମିନ୍ସ ଓ ମିନେରାଲ୍ସ ଭରି ରହିଛି । ଶୀତଦିନେ ଏହା ଶରୀରକୁ ଉଷ୍ମତା ପ୍ରଦାନ କରିଥାଏ ।

କେବଳ ଏତିକି ନୁହେଁ ପିସ୍ତାବାଦାମ, ଅଖରୋଟ ପରି ନଟ୍ସ, ଅଦା, ହଳଦୀ, ଡାଲିମ୍ବ, ରସୁଣ, ମେଥିପତ୍ର, ବାଜରା ଆଦି ଖାଦ୍ୟଦ୍ରବ୍ୟକୁ ଖାଇ ଶୀତଦିନେ ନିରୋଗ ରହିପାରିବେ ।

# ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ଡିସେମ୍ବର ୧୪-୨୦, ୨୦୨୫

**ମେଷ:** ଶାରୀରିକ ସୁସ୍ଥତା, ପାରିବାରିକ ଶାନ୍ତି, ବୈଷୟିକ ସୁଖ ସମୃଦ୍ଧି, ସାହିତ୍ୟାନୁରାଗୀ, ଯୋଜନାରମ୍ଭର ପରିକଳ୍ପନା, ଭୁଲ୍ ନିଷ୍ପତ୍ତି ନେଇପାରନ୍ତି, ବିଦେଶ ଯାତ୍ରାର ସୁଯୋଗ, ନୂତନ ବନ୍ଧୁସମ୍ପର୍କ, ପରିବହନରେ ଉନ୍ନତି ।

**ବୃଷ:** ପ୍ରତିକୂଳତା ଦୂର ହେବ, ପ୍ରତିଯୋଗିତାରେ ସଫଳତା, କର୍ମକ୍ଷେତ୍ରରେ ବିତର୍କ, ଦର୍ଶନୀୟ ସ୍ଥାନ ଭ୍ରମଣ, ପଡ଼ୋଶୀଙ୍କ ସହ ମତାନ୍ତର, ସମସ୍ୟାର ସମାଧାନ, ମାନସିକ ସ୍ଥିରତା, ଯାନବାହନ ନବୀକରଣ ।

**ମିଥୁନ:** କର୍ମକ୍ଷେତ୍ରରେ ଅଶାନ୍ତି, ଭୁଲ୍ ବୁଝାମଣାରୁ କଳହ, ବନ୍ଧୁଙ୍କ ଆଦର ଅଭ୍ୟର୍ଥନା, ବୈଷୟିକ ଅଭିବୃଦ୍ଧି, ସାଙ୍ଗଠନିକ ସଭା, କ୍ରୀଡ଼ାରେ ସଫଳତା, କର୍ମକ୍ଷେତ୍ରରେ ମର୍ଯ୍ୟାଦା ବୃଦ୍ଧି, କାରବାରରେ ବିବାଦ, ମକଦ୍ଦମାରେ ବିଜୟ, ହୋଟେଲ ଶିଳ୍ପରେ ଉନ୍ନତି ।

**କର୍କଟ:** ସାଂସ୍କୃତିକ କାର୍ଯ୍ୟରେ ପ୍ରଶଂସା, ନୈରାଶ୍ୟ ଦୂର ହେବ, ନୂତନ ଗୃହାରମ୍ଭ, ଯାନବାହନ ମରାମତି, ଶତ୍ରୁତାର ବିଲୋପ, ପାରିବାରିକ ଶାନ୍ତି, ଦୂରଯାତ୍ରାର ଯୋଜନା, ବ୍ୟବସାୟରେ ଉନ୍ନତି, ଆନୁଷ୍ଠାନିକ କାର୍ଯ୍ୟାରମ୍ଭ ।

**ସିଂହ:** ବାତାବରଣ ବଦଳିଯିବ, ସ୍ଥିତି ମଜଭୁତ କରିବେ, ନୂତନ ପ୍ରକଳ୍ପାରମ୍ଭ, ପ୍ରଶାସନିକ ତତ୍ପରତା, ଗବେଷଣାରେ ଅଗ୍ରଗତି କରିବେ, ଆଇନ ସହାୟତା ପାଇବେ, ରପ୍ତାନି ବାଣିଜ୍ୟରେ ଉନ୍ନତି, ମକଦ୍ଦମାର ଫଇସଲା ।

**କନ୍ୟା:** ସୁସ୍ଥ ମାନସିକତା, ଅର୍ଥ ସଙ୍କଟର ସମ୍ମୁଖୀନ, ପରିବାର ସଦସ୍ୟଙ୍କ ସ୍ୱାସ୍ଥ୍ୟହାନି, କର୍ମକ୍ଷେତ୍ରରେ ପ୍ରତିବନ୍ଧକ, ବ୍ୟବସାୟରେ ଉନ୍ନତି, ମକଦ୍ଦମାରେ ସଫଳତା ପ୍ରାପ୍ତି, ନିର୍ମାଣର ପରିକଳ୍ପନା, କ୍ରୟବିକ୍ରୟର ଚୁକ୍ତିପତ୍ର, ରଚନାତ୍ମକ କାର୍ଯ୍ୟାରମ୍ଭ, ସଙ୍ଗୀତରେ ଅଭିରୁଚି ।

**ତୁଳା:** କୂଟନୈତିକ ବିଜୟ, କାର୍ଯ୍ୟଦକ୍ଷତାରୁ ପ୍ରଶଂସା, ଆର୍ଥିକ ସ୍ଥିତିର ଉତ୍କର୍ଷତା, ଖଳଲୋକଙ୍କ ଗାତ୍ରଦାହ, ସାମାଜିକ ସମ୍ମାନ, ଯୁକ୍ତିତର୍କରୁ ସମ୍ପର୍କହାନି, ପୈତୃକ ସମ୍ପତ୍ତିରେ ବିବାଦ, କ୍ରୀଡ଼ାରେ ସଫଳତା, ସାମ୍ବାଦିକତାରୁ ଗୌରବ ବୃଦ୍ଧି, ପ୍ରକାଶନରେ ବିଳମ୍ବ ।

**ବିଛା:** ପ୍ରତିବନ୍ଧକର ସାମ୍ନା, ନିର୍ମାଣର ଶେଷ ପର୍ଯ୍ୟାୟ, ଅଭିଳଷିତ ଜିନିଷପ୍ରାପ୍ତି, ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସାଧନ, ବିବାଦୀୟ ଘଟଣାରେ ବିଜୟ, ବିଦେଶୀ ବନ୍ଧୁଙ୍କ ସାହାଯ୍ୟପ୍ରାପ୍ତି, ପରିବହନରେ ସମସ୍ୟା, ପ୍ରଗତିର ପଥରୋଧ, ହିତୈଷୀଙ୍କ ପରାମର୍ଶ ।

**ଧନୁ:** ନିୟନ୍ତ୍ରିତ ସ୍ୱାସ୍ଥ୍ୟ, ସନ୍ତାନଙ୍କ କୃତୀ ଓ କୃତିତ୍ୱ, ସାହିତ୍ୟ ଚର୍ଚ୍ଚାରୁ ପ୍ରଶଂସା, ବୁଦ୍ଧିଜୀବୀଙ୍କ ପରାମର୍ଶ, ସହକର୍ମୀଙ୍କ ସହୃଦୟତା, କଳ କାରଖାନାରେ ସମସ୍ୟା, ଆତ୍ମୀୟଙ୍କ ଅନାଦରଭାବ, ନୀଚଜନଙ୍କ ସହ ବିବାଦ, ମନ ଭାରାକ୍ରାନ୍ତ ରହିବ ।

**ମକର:** କାର୍ଯ୍ୟଦକ୍ଷତାରୁ ପ୍ରଶଂସା, ଅର୍ଥନୈତିକ ଅଭିବୃଦ୍ଧି, ବ୍ୟବସାୟରେ ସଫଳତା, ଆତ୍ମୀୟଙ୍କ ଅପପ୍ରଚାର, କୂଟନୀତିରେ ସଫଳତା, ଭ୍ରାତୃ ସମ୍ପର୍କରେ ଅବନତି, ଋଣ ପରିଶୋଧ, କଲ୍ୟାଣମୂଳକ କାର୍ଯ୍ୟାରମ୍ଭ ।

**କୁମ୍ଭ:** ବିବାଦୀୟ ପରିସ୍ଥିତି, ଅନାବଶ୍ୟକ ଆଲୋଚନା, ଅନାହୂତ ପ୍ରବେଶ, ଅପ୍ରୀତିକର ପରିସ୍ଥିତି, ବୁଝାମଣାରେ ଉନ୍ନତି, ମତାନ୍ତର ଦୂର ହେବ, ବିଦେଶ ଯାତ୍ରାର ସୁଯୋଗ, ଉତ୍ସବାନୁଷ୍ଠାନରୁ ପୁରସ୍କାର, ବନ୍ଧୁମିଳନର ସୁଯୋଗ, ମୂଲ୍ୟବାନ୍ ଦ୍ରବ୍ୟଲାଭ ।

**ମୀନ:** ନିଷ୍ପତ୍ତି ନେବାରେ ଦ୍ୱନ୍ଦ୍ୱ, ଦକ୍ଷତାର ପ୍ରଶଂସା, ସଭାସମିତିରେ ଯୋଗଦାନ, ଲେଖାପଢ଼ା ପ୍ରତି ଆଗ୍ରହ, ଆଲୋଚନା ଅସମାପ୍ତ ରହିବ, ଚୁକ୍ତିପତ୍ର ସମ୍ପାଦନ, ଆର୍ଥିକ ଦୁରବସ୍ଥା, ଜୀବନଚର୍ଯ୍ୟା ବଦଳିଯିବ, ଏଜେନ୍ସିପ୍ ବଢ଼ିବ, ସାଂସ୍କୃତିକ କାର୍ଯ୍ୟାରମ୍ଭ ।

# ଶୀତଦିନ ପାଇଁ ଲବଙ୍ଗ

ଲବଙ୍ଗର ବ୍ୟବହାର ମଧ୍ୟ ଶରୀର ପାଇଁ ବହୁତ ଉପକାରୀ ହୋଇଥାଏ । କାରଣ ଏଥିରେ ଭରି ରହିଥାଏ ପ୍ରଚୁର ପରିମାଣରେ ପ୍ରୋଟିନ୍, କାର୍ବୋହାଇଡ୍ରେଟ୍ସ, ଫାଇବର୍, ପୋଟାସିୟମ୍, ବେଟା କାରୋଟିନ୍ ଭଳି ବହୁ ଗୁଣକାରୀ ଉପାଦାନ । ତା'ଛଡ଼ା ଏଥିରେ ଥିବା ଆଣ୍ଟିସେପ୍ଟିକ୍ ଗୁଣ ପାଇଁ ଆମକୁ ଦାନ୍ତ ଜନିତ ବିଭିନ୍ନ ସମସ୍ୟାରୁ ବି ଅନେକାଂଶରେ ମୁକ୍ତି ମିଳିଥାଏ । ଯେମିତିକି: ଯଦି ପ୍ରତିଦିନ ସକାଳେ ଗୋଟିଏ ଲେଖାଏଁ ଲବଙ୍ଗ ଖିଆଯାଏ, ତା'ହେଲେ ପାଟି ଦୁର୍ଗନ୍ଧ ସମସ୍ୟା ଧୀରେ ଧୀରେ ଦୂରେଇଯାଏ । ଦାନ୍ତ ଦରଜ ହେଉଥିଲେ ଦାନ୍ତ ମୂଳରେ ଲବଙ୍ଗ ତେଲ ଲଗାଇଲେ କିମ୍ବା ଗୋଟା ଲବଙ୍ଗକୁ ଦାନ୍ତରେ ଧୀରେ ଧୀରେ ଚୋବାଇଲେ ଦରଜ ପ୍ରାୟ କମିଯାଇଥାଏ ବୋଲି ବିଶ୍ୱାସ କରାଯାଏ । ଲବଙ୍ଗ ଖାଇଲେ କେବଳ ଯେ ଦାନ୍ତ ଜନିତ ସମସ୍ୟାରୁ ମୁକ୍ତି ମିଳିଥାଏ ତାହା ନୁହେଁ ଶୀତଦିନେ ହେଉଥିବା ଥଣ୍ଡା ଏବଂ ତଣ୍ଟି ଦରଜ କମାଇବାରେ ବି ଏହା ବେଶ୍ ସହାୟକ ହୋଇଥାଏ । ସେହିପରି କୁହାଯାଏ, ସକାଳେ ଖାଲି



ପେଟରେ ଅଧା ଗ୍ଲାସ୍ ପାଣିରେ ଗୋଟିଏ ବୁନ୍ଦା ଲବଙ୍ଗ ତେଲ ମିଶାଇ ପିଇଲେ ଗ୍ୟାସ୍ ଜନିତ ସମସ୍ୟାରୁ ମଧ୍ୟ ଅନେକ ସୁଫଳ ମିଳିଥାଏ । ଅନ୍ୟପକ୍ଷେ ଆଣ୍ଠୁଗଣ୍ଠି ଦରଜ ହେଉଥିଲେ, ସେହି ସ୍ଥାନରେ ଲବଙ୍ଗ ତେଲ ଘଷିଲେ ମଧ୍ୟ ବହୁ ଆରାମ ଲାଗେ । ଏସବୁ ବ୍ୟତିତ ଘରୁ ମଶା ଦୂର କରିବାରେ ବି ଲବଙ୍ଗ ତେଲକୁ କେତେକେ ବ୍ୟବହାର କରୁଥିବା ଦେଖିବାକୁ ମିଳିଥାଏ ।

# ପାଠକୀୟ

✲ ବିଶିଷ୍ଟ ବୈଜ୍ଞାନିକ ଭାବେ ଏମାନେ ବିଶ୍ୱ ବିଖ୍ୟାତ । ଏମାନଙ୍କ ବୁଦ୍ଧିମତାର ପ୍ରଶଂସାରେ ସାରା ଦୁନିଆ ଶତମୁଖ । କିନ୍ତୁ ଏହି ବୈଜ୍ଞାନିକମାନଙ୍କ ବାଲ୍ୟକାଳ ଏମିତି ଥିଲା ଯେ, କେହି କେବେ ଭାବି ନଥିଲେ ଏମାନଙ୍କ ପାଇଁ ଦିନେ ବଦଳିଯିବ ଦୁନିଆର ରୂପରେଖ । ତେଣୁ ଏଭଳି ଏକ ମନଛୁଆଁ ବିଷୟବସ୍ତୁକୁ ନେଇ ପ୍ରସ୍ତୁତ ପ୍ରଚ୍ଛଦ ପ୍ରସଙ୍ଗ 'ଏମିତି ଥିଲା ପିଲାଦିନ' ଶୀର୍ଷକ ପାଠଟି ଖୁବ୍ ସୁନ୍ଦର ହୋଇଥିଲା ।

*– ପଦ୍ମନାଭ ପରିଡ଼ା, ସୁନ୍ଦରଗଡ଼*

✲ 'ଏମିତି ଥିଲା ପିଲାଦିନ' ଶୀର୍ଷକ ପ୍ରଚ୍ଛଦ ପ୍ରସଙ୍ଗଟି ଖୁବ୍ ମର୍ମସ୍ପର୍ଶୀ ହୋଇଥିଲା । 'ଆକ୍ୱାରିୟମ୍‌ରେ ମାଛ ରଖୁଥିଲେ', 'ମୂଳାର ସ୍ୱାସ୍ଥ୍ୟୋପଯୋଗୀ ଗୁଣ' ଆଦି ପାଠରୁ ବହୁ ଉପାଦେୟ କଥା ଜାଣିହେଲା । ବ୍ୟକ୍ତିତ୍ୱ ପୃଷ୍ଠାରୁ କଣ୍ଠଶିଳ୍ପୀ ଦେବାଶିଷ ମହାପାତ୍ରଙ୍କ ଜୀବନି ସମ୍ପର୍କରେ ବହୁ ଅଜଣା କଥା ଜାଣିବାକୁ ମିଳିବାରୁ ଖୁସି ଲାଗିଲା ।

*– ପ୍ରୀତମ ପରିଡ଼ା, ବଲାଙ୍ଗୀର*

✲ ସୃଜନ ପୃଷ୍ଠାରେ ସ୍ଥାନିତ 'ପଣତ' ଶୀର୍ଷକ ଗପଟି ଖୁବ୍ ମନଛୁଆଁ ହୋଇଥିଲା । ସିନେମା ପୃଷ୍ଠାଟି ଆକର୍ଷଣୀୟ ଲାଗୁଥିଲା । ଏଥିରେ ସ୍ଥାନିତ 'କେବଳ ଧର୍ମପତ୍ନୀଙ୍କ ପାଇଁ', 'ଯାହା ଭାବି ନଥିଲେ ବାଣୀ', 'ସେହି ଆଠ ବର୍ଷ' ଆଦି ପାଠଗୁଡ଼ିକର ଉପସ୍ଥାପନା ଶୈଳୀ ମଜାଦାର୍ ଥିଲା ।

*– ଧରଣୀଧର ବେହେରା, ଭୁବନେଶ୍ୱର*

✲ କବି ବିମଳା ସିଂହଙ୍କ ପ୍ରଥମ ରୋଜଗାରର ଅନୁଭୂତିଟି ଖୁବ୍ ସୁନ୍ଦର ଥିଲା । ସାଥୀର ଉତ୍ତର ବି ରୋମାଣ୍ଟିକ୍‌ଭରା ଲାଗୁଥିଲା । ଲାଇଫ୍ ଷ୍ଟାଇଲ୍ ପୃଷ୍ଠାରୁ 'ଓ୍ୱିଣ୍ଟର କୁର୍ତି' ସମ୍ପର୍କରେ ବହୁ ଅଜଣା କଥା ଜାଣିହେଲା । ଗଡ଼ରୋଡ଼ଙ୍କ ସମ୍ପର୍କରେ ବି ବହୁ ଅଜଣା ତଥ୍ୟ ଛୁଟିଦିନରୁ ଜାଣିବାକୁ ମିଳିବାରୁ ଖୁସି ଲାଗିଲା ।

*– ପୁନିତ୍ ସ୍ୱାଇଁ, ମୟୂରଭଞ୍ଜ*

✲ ପ୍ରାକୃତିକ ସୌନ୍ଦର୍ଯ୍ୟର ଗନ୍ତାଘର ବିଶାଖାପାଟଣା ସମ୍ପର୍କରେ ବହୁ ଉପାଦେୟ କଥା ସହର ପୃଷ୍ଠାରୁ ଜାଣିହେଲା । ବିବିଧା ପୃଷ୍ଠାରେ ସ୍ଥାନିତ 'ସ୍ୱପ୍ନ ପଛର କଥା' ଶୀର୍ଷକ ପାଠଟି ବି ଖୁବ୍ ମନଛୁଆଁ ହୋଇଥିଲା । ଏଥରର ଚିନ୍ମୟ ଚିନ୍ତନ ପାଠଟି ବି ଖୁବ୍ ଶିକ୍ଷଣୀୟ ହେବା ସହ ପ୍ରେରଣାଦାୟୀ ଥିଲା ।

*– ରମେଶ ପାତ୍ର, କଳାହାଣ୍ଡି*

✲ ବ୍ୟାକ୍‌ପେଜ୍ ପୃଷ୍ଠାରେ ସ୍ଥାନିତ 'ଆଙ୍ଗୁଳି ଧୋଇବା ମେଶିନ୍', 'ଘରସାରା ଡୋରେମନ୍', 'ଭାରତରେ ଆଫ୍ରିକୀୟ ଗାଁ' ଆଦି ପାଠଗୁଡ଼ିକ ମଜାଦାର୍ ଲାଗିବା ସହ ଆଶ୍ଚର୍ଯ୍ୟକର ବି ଥିଲା ।

*– ଧନଞ୍ଜୟ ପଣ୍ଡା, କଟକ*

## ବିଶେଷ ଚିଠି



'ଏମିତି ଥିଲା ପିଲାଦିନ'କୁ ନେଇ
ଥିଲା ଏଥରର ପ୍ରଚ୍ଛଦ ପସଙ୍ଗ,
ଦେଉଥିଲା ତଥ୍ୟ ଯେମିତି
ବଖାଣୁଥିଲା କାହାଣୀ ବି ସେମିତି ।
ତା'ସାଙ୍ଗକୁ ନିଆରା ଲାଗୁଥିଲା
ତୁମ ବ୍ୟକ୍ତିତ୍ୱର କଥା,
ଭାରୀ ମନଛୁଆଁ ଥିଲା ପୁଣି
ତୁମ କବିତାର ଲେଖା ।
ସତରେ ହେ ପ୍ରିୟ ଛୁଟିଦିନ,
ତୁମର ସବୁ ପୃଷ୍ଠା ଲାଗେ
ସୁନ୍ଦର ଓ ସର୍ବୋତ୍ତମ ।

*– ଭବାନୀ ସାହୁ, ମୟୂରଭଞ୍ଜ*

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795
ସୂଚନା ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ-ମେଲ୍ ଠିକଣା: chhutidinadharitri@gmail.com

# ମୁଁ ଅଛି ତୋ' ପାଖେ

**ମା' ଓ ସନ୍ତାନର ଭଲପାଇବା ସବୁଠାରୁ ଊର୍ଦ୍ଧ୍ୱରେ। ଏହାର କୌଣସି ବିକଳ୍ପ ନାହିଁ। କିନ୍ତୁ ଏଠାରେ ଏମିତି କେତେଜଣ ମା' ଓ ସନ୍ତାନଙ୍କ କଥା ଉଲ୍ଲେଖ ରହିଛି, ଯେଉଁମାନେ ପରସ୍ପରଠାରୁ ଦୂରେଇ ଯାଇ ଖୁବ୍ ଝୁରି ହୋଇଛନ୍ତି। ଆଉ ନିଜକୁ ସାନ୍ତ୍ୱନା ଦେବା ପାଇଁ ବିକଳ୍ପ ଭାବରେ କେତେବେଳେ ଫଟୋ ତ କେତେବେଳେ ଯନ୍ତ୍ରକୁ ସାହାରା କରିଛନ୍ତି ...**





ମା'ଙ୍କ କାର୍ଡବୋର୍ଡ ଫଟୋ ସହ ପଲ୍ ଜନ୍ ଆଲିନ୍‌ସଗ୍

ମା' ପାଇଁ ତା' ସନ୍ତାନ ଯେମିତି ସନ୍ତାନ ପାଇଁ ମା' ବି ସେମିତି, ସମାନ ଗୁରୁତ୍ୱ ରଖେ। ଛୁଆଟିଏ ଜନ୍ମ ହେବା ମାତ୍ରେ ପ୍ରଥମ ସ୍ପର୍ଶ ପାଏ ମା'ର। ଆଉ ସେହି ସ୍ପର୍ଶ ହିଁ ତା'ପାଇଁ ଆଶୀର୍ବାଦ ହୋଇ ସବୁବେଳେ ତା' ପାଖେ ପାଖେ ରହିଥାଏ। ତା'ର ପଣତକାନି ପିଲାକୁ ସବୁ ବିପଦରୁ ଘୋଡ଼େଇ ରଖେ। ସେମିତି ଛୁଆଟି ପାଖରେ ନ ଥିଲେ ମା'ର ଦୁନିଆ ବି ଲାଗେ ଅନ୍ଧାର। ଏଠାରେ ଏମିତି କେତେଜଣ ମା' ଓ ସନ୍ତାନଙ୍କ ସମ୍ପର୍କରେ କୁହାଯାଇଛି, ଯେଉଁମାନେ ଦିନେ ପରସ୍ପରଠାରୁ ଦୂରେଇ ଯାଇ ପରସ୍ପରକୁ ଖୁବ୍ ଝୁରି ହୋଇଛନ୍ତି। ଆଉ ସେ ସମୟରେ କେଉଁଠି ତାଙ୍କର କାର୍ଡ଼ବୋର୍ଡ ଫଟୋ ତ କେଉଁଠି ରୋବୋ ପାଲଟିଛି ତାଙ୍କର ବିକଳ୍ପ। ଆଉ ତା'ରି ସହ ସେମାନେ ବିତାଇଛନ୍ତି ପ୍ରତିଟି ମୁହୂର୍ତ୍ତ ...

## କୁନିପୁଅ ନ କାନ୍ଦିବା ପାଇଁ ମା' ନିଜର କାର୍ଡବୋର୍ଡ କଟ୍‌ଆଉଟ୍ ଫଟୋ ଘରର ବିଭିନ୍ନ ସ୍ଥାନରେ ରଖିଲେ

ମା' ପାଇଁ ତା' ପିଲାର ଗୁରୁତ୍ୱ ଯେତିକି, ପିଲା ପାଇଁ ତା' ମା'ର ଆବଶ୍ୟକତା ବି ସେତିକି। ବିଶେଷକରି କୁନିଛୁଆଙ୍କ କ୍ଷେତ୍ରରେ ତ ଏହା ଅଧିକ ଜରୁରୀ। ପିଲାମାନେ ଯେତେବେଳେ ଖୁବ୍ ଛୋଟ ଥାନ୍ତି, ସେମାନେ ମା' ପଛରେ ସବୁବେଳେ ଗୋଡ଼ାଉଥାନ୍ତି। ପ୍ରତି କ୍ଷେତ୍ରରେ ସେମାନଙ୍କର ମା' ଦରକାର ହୁଏ। ଆଖିଆଗରୁ ମା' କୁଆଡ଼େ ଟିକେ ଚାଲିଗଲେ ଆରମ୍ଭ ହୋଇଯାଏ ସେମାନଙ୍କ କାନ୍ଦ। ସେଥିପାଇଁ ମା'ମାନଙ୍କୁ ବେଳେବେଳେ ବହୁତ ଅସୁବିଧା ବି ହୁଏ। କିଛି ଜରୁରୀ କାମ ଥିଲେ ପିଲାଙ୍କୁ ଲୁଚି ଛପି ହେଉ ଅବା କୌଣସି ବାହାନା କରି କିମ୍ବା ସେମାନଙ୍କୁ ଶୁଆଇ ଦେଇ ତା'ପରେ କାମ କରିବାକୁ ହୋଇଥାଏ, ସେ ପୁଣି ଖୁବ୍ କମ୍ ସମୟ ପାଇଁ। କାରଣ ପିଲା କିଛି ସମୟ ପରେ ପୁଣି ମା'କୁ ଖୋଜିବାକୁ ଲାଗେ, ଆଖି ସାମ୍ନାରେ ତାକୁ ନ ପାଇଲେ ଆରମ୍ଭ ହୋଇଯାଏ ସେମାନଙ୍କ କାନ୍ଦ। ଏଭଳି ସମସ୍ୟା ଗୃହିଣୀ ହୁଅନ୍ତୁ କି କର୍ମଜୀବୀ ମା' ପ୍ରାୟ ସମସ୍ତଙ୍କ କ୍ଷେତ୍ରରେ ଊଣାଧିକେ ଘଟିଥାଏ। ଜାପାନର **ଫୁକି ସାତୋ** ନାମ୍ନୀ ଜଣେ ମହିଳା ବି ନିଜ ବର୍ଷକର ପିଲା ପାଇଁ ୨୦୧୯ ମସିହାରେ ଏମିତି କିଛି ସମସ୍ୟାର ସମ୍ମୁଖୀନ ହୋଇଥିଲେ। ତାଙ୍କ ଛୁଆ ତାଙ୍କୁ ଦଣ୍ଡେ ବି କୁଆଡ଼େ ଛାଡୁ ନ ଥିଲା। ଏପରିକି ରୋଷେଇ ଘରରୁ ବେଡ୍‌ରୁମ୍ ହେଉ କିମ୍ବା ଡ୍ରଇଂରୁମ୍‌କୁ ବି ସେ ଯାଇପାରୁ ନ ଥିଲେ। କାରଣ ତାଙ୍କ ପୁଅ ଖେଳୁ ଖେଳୁ ଯଦି ବୁଲିପଡ଼ି ମା' ତା' ପାଖରେ ନ ଥିବାର ଦେଖୁଥିଲା ତା'ହେଲେ ଖୁବ୍ ଜୋର୍‌ରେ କାନ୍ଦି ଉଠୁଥିଲା। ସେଥିପାଇଁ ଫୁକି ଘର କାମ ବି ଠିକ୍‌ରେ କରି ପାରୁ ନ ଥିଲେ। ବହୁ ଚିନ୍ତା କରି ସେ ଏକ ଉପାୟ ବାହାର କଲେ। ଭଲ କ୍ୱାଲିଟିଯୁକ୍ତ ବଡ଼ ବଡ଼ ସାଇଜ୍‌ର ନିଜର କିଛି ଠିଆ ହେବା ଅବା ବସିବା ପୋଜ୍‌ର କାର୍ଡବୋର୍ଡ କଟ୍‌ଆଉଟ୍ ଫଟୋ ସ୍ୱତନ୍ତ୍ର ଅର୍ଡର ଦେଇ ତିଆରି କଲେ। ଆଉ ସେସବୁରୁ ଗୋଟେ ଗୋଟେ ରୋଷେଇ ଘର, ଡ୍ରଇଂ ରୁମ୍, ବେଡ୍ ରୁମ୍ ତଥା ଘରର ଅନ୍ୟାନ୍ୟ ସ୍ଥାନରେ ଲୁଚାଇ ରଖିଲେ। ତାଙ୍କ ପୁଅ ଯେଉଁଠି ଯେଉଁଠି ଖେଳୁଥିଲା କିଛି ସମୟ ତା'ପାଖାପାଖି ରହିବା ପରେ ପୁଅର ଅଗୋଚରରେ ନିଜ କାର୍ଡବୋର୍ଡ ଫଟୋଟିକୁ ସେଠାରେ ଥୋଇ ଦେଇ ସେ ଘର କାମରେ ଲାଗି ଯାଉଥିଲେ। ଯଦ୍ୱାରା ପୁଅ ଖେଳୁ ଖେଳୁ ମା'କୁ ଖୋଜିବା ପାଇଁ ପଛକୁ ବୁଲି ପଡିଲେ ତା' ନଜର ମା'ର ଏହି କାର୍ଡବୋର୍ଡ ଫଟୋ ଉପରେ ପଡୁଥିଲା ; ଆଉ ତାକୁ ଲାଗୁଥିଲା ସତେ ଯେମିତି ତା' ମା' ସେଠି ବସିକି କିମ୍ବା ଠିଆ ହୋଇକି ତାକୁ ଚାହିଁଛନ୍ତି। ବାସ୍ ତାକୁ ଆଉ ଡର ଲାଗୁ ନ ଥିଲା, ସେ ନିର୍ଦ୍ୱନ୍ଦ୍ୱରେ ଖେଳୁଥିଲା। ଛୋଟ ଛୁଆଟେ କେତେ ବା ବୁଦ୍ଧି ତା'ର, ସେ କାହୁଁ ଜାଣିବ ଫଟୋ ଓ ସତ ମଣିଷ ଭିତରେ ଫରକ୍। ଫୁକି ସାତୋଙ୍କର ଏହି ଉପାୟଟି ଭଲ କାମ ଦେବାରୁ ସେ ନିଶ୍ଚିନ୍ତରେ ଏବେ ରୋଷେଇବାସ, ଘରସଫା ତଥା ଅନ୍ୟାନ୍ୟ ଘରକାମ ସବୁ କରି ବେଶ୍ ଖୁସିରେ ଥିଲେ। ଏସବୁରେ ଫୁକି ସାତୋଙ୍କୁ ତାଙ୍କ ସ୍ୱାମୀ ନେଜି ସାତୋ ବି ବହୁତ ସାହାଯ୍ୟ କରିଥିଲେ। ପୁଅର କାନ୍ଦ ବନ୍ଦ କରିବାକୁ ସେମାନେ ଏଭଳି କିଛି ଭିନ୍ନ ଉପାୟ ଆପଣେଇଥିବାର କଥା ଅନ୍ୟମାନେ ବି ଜାଣିବା ଦରକାର ଭାବି ସ୍ୱୟଂ ନେଜି ସାତୋ ତାଙ୍କ ପୁଅର, ସ୍ତ୍ରୀର ତଥା ପତ୍ନୀଙ୍କ କାର୍ଡବୋର୍ଡ କଟ୍‌ଆଉଟ୍ ଫଟୋର କିଛି ଭିଡିଓ କ୍ଲିପିଙ୍ଗ୍ସ ଓ ଫଟୋକୁ ଟୁଇଟର୍‌ରେ ଅପ୍‌ଲୋଡ୍ କରିଥିଲେ। ଯାହାକି ପରବର୍ତ୍ତୀ ସମୟରେ ବେଶ୍ ଭାଇରାଲ୍ ମଧ୍ୟ ହୋଇଥିଲା।

## ଗ୍ରାଜୁଏଶନ୍ ସେରିମନିରେ ମୃତା ମା'ଙ୍କ କାର୍ଡବୋର୍ଡ କଟ୍‌ଆଉଟ୍ ଫଟୋ ସହ ନିଜ ସୁଖଦୁଃଖକୁ ବାଣ୍ଟିଲେ ପୁଅ

ଫିଲିପାଇନ୍ସର **ପଲ୍ ଜନ୍ ଆଲିନ୍‌ସଗ୍** ହେଲେ ଏମିତି ଜଣେ ଯୁବକ ; ଯିଏକି ପିଲାଟିବେଳୁ ବାପାଙ୍କ ସ୍ନେହଶ୍ରଦ୍ଧାରୁ ବଞ୍ଚିତ ହୋଇ ମା'ଙ୍କ ଦ୍ୱାରା ପାଳିତ ହୋଇଥିଲେ। ବୈବାହିକ ସମ୍ପର୍କରେ ତିକ୍ତତା ଆସିବାରୁ ସ୍ତ୍ରୀ ଓ ପୁଅଙ୍କୁ ଛାଡ଼ି ଅନ୍ୟତ୍ର ଯାଇ ରହୁଥିଲେ ପଲ୍‌ଙ୍କ ବାପା। ଫଳରେ ପଲ୍‌ଙ୍କୁ ମଣିଷ କରିବାକୁ ଖୁବ୍ କଷ୍ଟ କରିବାକୁ ପଡୁଥିଲା ପଲ୍‌ଙ୍କ ମା'ଙ୍କୁ। ଏ ଦୁନିଆରେ ଏକାକୀ ଜଣେ ନାରୀ ଗୋଟେ ଛୋଟ ଛୁଆକୁ ନେଇ ଚଳିବା କେତେ ଯେ କଷ୍ଟ, ତାହାକୁ ହୃଦୟଙ୍ଗମ କରି ପଲ୍‌ଙ୍କ ମା' ପରବର୍ତ୍ତୀ ସମୟରେ ଦ୍ୱିତୀୟ ବିବାହ ମଧ୍ୟ କଲେ। ନୂଆ ନୂଆ ସବୁ ଠିକ୍ ଥିଲା, କିନ୍ତୁ ଧୀରେ ଧୀରେ ସାବତ ବାପା ପଲ୍‌ଙ୍କୁ ଆଉ ଆଗଭଳି ସ୍ନେହଶ୍ରଦ୍ଧା କଲେନି ; ଯାହାକି ପଲ୍‌ଙ୍କ ମା'ଙ୍କୁ ଖୁବ୍ କଷ୍ଟ ଦେଉଥିଲା। ସେଥିପାଇଁ ସେ ନିଷ୍ପତ୍ତି ନେଲେ ଯେତେ ଯନ୍ତ୍ରଣା ହେଉ ପଛେ ସେ ପଲ୍‌କୁ ଭଲ ପାଠପଢ଼ାଇ ତାକୁ ଯୋଗ୍ୟ କରାଇବେ। ଉଭୟ ମା'ପୁଅଙ୍କ ଭିତରେ ଖୁବ୍ ସ୍ନେହଶ୍ରଦ୍ଧା ଥିଲା। କିଏ କାହାକୁ ଦଣ୍ଡେ ଛାଡ଼ି ରହିପାରୁ ନ ଥିଲେ। ପୁଅ ଭଲ ସ୍କୁଲ୍‌ରୁ ପାସ୍ ଆଉଟ୍ ହେବା ପରେ ପଲ୍‌ଙ୍କ ମା' ପଲ୍‌ଙ୍କର ଆଡ୍‌ମିଶନ୍ ଫିଲିପାଇନ୍ସ ୟୁନିର୍ଭସିଟିରେ କରାଇଦେଲେ। ପଲ୍ ବି ମନ ଦେଇ ପାଠ ପଢୁଥିଲେ। ପଲ୍‌ଙ୍କ ମା' ପଲ୍‌ଙ୍କୁ ପ୍ରତିଶ୍ରୁତି ଦେଇଥିଲେ ଯେ, ଯେବେ ତାଙ୍କର ଗ୍ରାଜୁଏଶନ୍ ସେରିମନି ପାଳନ ହେବ, ସେଦିନ ସେ ନିଶ୍ଚୟ ୟୁନିର୍ଭସିଟି ଆସି ପଲ୍‌ଙ୍କ ସହ ଏହି ଖୁସିର ମୁହୂର୍ତ୍ତକୁ ଉପଭୋଗ କରିବେ। କିନ୍ତୁ ଦୁର୍ଭାଗ୍ୟ ୨୦୧୬ରେ ନିମୋନିଆରେ ପୀଡ଼ିତ ହୋଇ ପଲ୍‌ଙ୍କ ମା' ସବୁଦିନ ପାଇଁ ଆଖି ବୁଜିଦେଲେ। ମା'ଙ୍କୁ ହରାଇ ଖୁବ୍ ଭାଙ୍ଗିପଡିଲେ ପଲ୍। ହେଲେ ପରେ ନିଜକୁ ସମ୍ଭାଳି ମା'ଙ୍କ ସ୍ୱପ୍ନକୁ ପୂରଣ କରିବାକୁ ସେ ଅକ୍ଳାନ୍ତ ପରିଶ୍ରମ କରିଚାଲିଲେ। ଯାହାର ଫଳସ୍ୱରୂପ ଖୁବ୍ ଭଲ ନମ୍ବର ରଖି ୨୦୧୯ରେ ପଲ୍ ଗ୍ରାଜୁଏଶନ୍ ପାସ୍ କଲେ। ଯେଉଁଦିନ ତାଙ୍କର ଗ୍ରାଜୁଏଶନ୍ ସେରିମନି ଆୟୋଜନ ହେବାର ଥିଲା ସେଦିନ ପ୍ରତି ଛାତ୍ରୀଛାତ୍ରଙ୍କର ଅଭିଭାବକଙ୍କୁ ମଧ୍ୟ ଆମନ୍ତ୍ରିତ କରାଯାଇଥିଲା। ସବୁ ପିଲାଙ୍କର ଅଭିଭାବକ ଆସି ଥିଲେ। ହେଲେ ପଲ୍‌ଙ୍କ ପାଇଁ କିଏ ଆସିବ। ମା' ତ ନ ଥିଲେ ଆଉ ସାବତ ବାପା ଜୀବିତ ଥାଇ ମଧ୍ୟ ପୁଅର ଖୁସିରେ ସାମିଲ ହେବାକୁ ରାଜି ହୋଇ ନ ଥିଲେ। ସେଥିପାଇଁ ପଲ୍ କିଛି ଦିନ ପୂର୍ବରୁ ମା'ଙ୍କର ଏକ ଠିଆ ହେବା ଫଟୋକୁ ନେଇ ସ୍ୱତନ୍ତ୍ର ଅର୍ଡର ଦେଇ ତାକୁ ସ୍କାନିଂ କରି ପ୍ରାୟ ୧୫୭ ସେ.ମି. ଉଚ୍ଚତାବିଶିଷ୍ଟ ଏକ ଜୀବନ୍ତ ଆକାରର କାର୍ଡବୋର୍ଡ କଟ୍‌ଆଉଟ୍ ଫଟୋ ପ୍ରସ୍ତୁତ କରାଇଥିଲେ। କାରଣ ତାଙ୍କ ମା'ଙ୍କର ଉଚ୍ଚତା ବି ସେତିକି ସେ.ମି. ଥିଲା। ମା'ଙ୍କର ସେହି କଟ୍‌ଆଉଟ୍ ଫଟୋକୁ ପଲ୍ ଗ୍ରାଜୁଏଶନ୍ ସେରିମନିକୁ ନେଇକି ବି ଆସିଥିଲେ। କାରଣ ଉକ୍ତ ସେରିମନିରେ ସାମିଲ ହେବା ତାଙ୍କ ମା'ଙ୍କର ଶେଷ ଇଚ୍ଛା ଥିଲା। ତେଣୁ ମା'ଙ୍କର ସେ ଇଚ୍ଛାକୁ ପୂରଣ କରିବାକୁ ଆଉ ନିଜେ ଗ୍ରାଜୁଏଟ୍ ହେବାର ଏହି ସୁଖଦ ମୁହୂର୍ତ୍ତକୁ ମା'ଙ୍କ ସାଙ୍ଗେ ବିତାଇବାକୁ ଏହାଠାରୁ ଉତ୍ତମ ଉପାୟ ପଲ୍‌ଙ୍କ ପକ୍ଷେ ଆଉ କିଛି ବି ନ ଥିଲା। ମା' ସ୍ୱଦେହରେ ତାଙ୍କ ପାଖେ ନ ଥାନ୍ତୁ ପଛେ ତାଙ୍କର ଏହି କାର୍ଡବୋର୍ଡ କଟ୍‌ଆଉଟ୍ ଫଟୋ ହିଁ ପଲ୍‌ଙ୍କୁ ମା'ର ଉପସ୍ଥିତିକୁ ଉପଲବ୍ଧି କରାଉଥିଲା। ପଲ୍ ସେଦିନ ମା'ଙ୍କର ସେହି କାର୍ଡବୋର୍ଡ କଟ୍‌ଆଉଟ୍ ଫଟୋ ସାଙ୍ଗରେ ବିଭିନ୍ନ ପୋଜ୍‌ରେ ଫଟୋ ଉଠାଇଥିଲେ। ତାଙ୍କ ସହପାଠୀ ଏବଂ ସେମାନଙ୍କର ଅଭିଭାବକମାନେ ମଧ୍ୟ ପଲ୍‌ଙ୍କ ମା'ଙ୍କ ଫଟୋ ସାଙ୍ଗେ ଫଟୋ ଉଠାଇଥିଲେ। ଆଉ ଏହା ଏକ ଅଭୁଲା ମୁହୂର୍ତ୍ତ ଭାବେ ପଲ୍‌ଙ୍କ ସାଙ୍ଗେ ସାରା ଜୀବନ ରହିଲା। ପରବର୍ତ୍ତୀ ସମୟରେ ଏହି ଘଟଣାଟି ସୋସିଆଲ୍ ମିଡିଆରେ ବେଶ୍ ଭାଇରାଲ୍ ହୋଇ ସମସ୍ତଙ୍କର ଦୃଷ୍ଟିଆକର୍ଷଣ କରିଥିଲା।





ଫୁକି ସାତୋଙ୍କ କାର୍ଡବୋର୍ଡ ଫଟୋ ଓ ତାଙ୍କ ସନ୍ତାନ

## ଦିବ୍ୟାଙ୍ଗ ଝିଅକୁ ଖାଦ୍ୟ ଖୁଆଇବା ପାଇଁ ବାପା ତିଆରି କଲେ ମା' ରୋବୋ

କଥାରେ ଅଛି ଆବଶ୍ୟକତା ହିଁ ଆବିଷ୍କାରର ଜନନୀ। ଗୋଆର **ବିପିନ କଦମ୍‌**ଙ୍କ ଦ୍ୱାରା ନିର୍ମିତ ଏକ ରୋବୋ ହେଉଛି ଏହାର ଏକ ନିଚ୍ଛକ ଉଦାହରଣ। ବିପିନଙ୍କୁ ବୟସ ପାଖାପାଖି ୪୫ ବର୍ଷରୁ ଊର୍ଦ୍ଧ୍ୱ ହେବ। ତାଙ୍କର ପ୍ରକୃତ ଘର ମହାରାଷ୍ଟ୍ରରେ। ପିଲାଦିନ ତାଙ୍କର ସେଇଠି କଟିଥିଲା। ତାଙ୍କ ବାପା ଚାଷବାସ କରୁଥିଲେ। ଦଶମ ପାସ୍ କରିବା ପରେ ଅଭାବ ଯୋଗୁ ବିପିନ ଆଉ ଆଗକୁ ନ ପଢି କାମ ଅନ୍ୱେଷଣରେ →






ପରିବାର ଲୋକଙ୍କ ସହ ବିପିନ କଦମ୍

ଗୋଆ ଚାଲି ଆସିଲେ । ଆଉ ସେଠାରେ ଏକ ମେଶିନ୍ ମାନୁଫାକ୍ଚରିଂ କମ୍ପାନୀରେ ହେଲ୍ପର୍ ଭାବେ କାମ କରିବାକୁ ଲାଗିଲେ । ଖୁବ୍ କର୍ମଠ ଆଉ ବୁଦ୍ଧିଆ ଥିଲେ ବିପିନ । ନୂଆ ନୂଆ ବିଷୟରେ ଜ୍ଞାନ ଆହରଣ କରିବାରେ ତାଙ୍କର ପ୍ରବଳ ଇଚ୍ଛାଶକ୍ତି ଥିଲା । ଫଳରେ ନିଜର ବୁଦ୍ଧି ଖଟାଇ ମେଶିନ୍‌ର ବିଭିନ୍ନ ପାର୍ଟ୍ସ ବିଷୟରେ ଜାଣିବା ସହ ସେସବୁକୁ ବ୍ୟବହାର କରି ନୂଆ ନୂଆ ମେଶିନ୍ ଡିଜାଇନ୍ କରିବାରେ ସେ କ୍ରମେ ମାହିର୍ ହୋଇଗଲେ । କେବଳ ସେତିକି ନୁହେଁ ନିଜସ୍ୱ ଚେଷ୍ଟାରେ ହାର୍ଡୱେର୍, ସଫ୍ଟୱେର୍ ତଥା କମ୍ପ୍ୟୁଟର୍ ସମ୍ପର୍କିତ ଭଲ ଜ୍ଞାନ ବି ସେ ହାସଲ କଲେ । ଆଉ ତାରି ଭିତରେ ତାଙ୍କ ବାହାଘର ବି ସରିଯାଇଥିଲା । ଖୁବ୍ ଖୁସିରେ ଚାଲିଥିଲା ତାଙ୍କ ସାଂସାରିକ ଓ କର୍ମମୟ ଜୀବନ । ହେଲେ ବୋଧହୁଏ କାହାର ନଜର ଲାଗିଗଲା ତାଙ୍କ ସୁଖରେ । ଦିବ୍ୟାଙ୍ଗ କନ୍ୟାରତ୍ନଟିଏ ତାଙ୍କର ଜନ୍ମ ହେଲା ; ଯାହାର ନାଁ ରଖିଲେ ପ୍ରାଜକ୍ତା । ଭାଗ୍ୟକୁ ଆଦରି ଝିଅ ମୁହଁକୁ ଚାହିଁ ପତିପତ୍ନୀ ଦିନ କାଟୁଥିଲେ । ଝିଅ ଧୀରେ ଧୀରେ ବଡ଼ ହେଉଥିଲା । ତା'ର ବୟସ ବଢୁଥିଲେ ବି ମାନସିକ ସ୍ତରରେ ସେ କିନ୍ତୁ ବଢୁ ନ ଥିଲା । ପ୍ରତ୍ୟେକ କାମ ପାଇଁ ମା'ର ସାହାଯ୍ୟ ତାକୁ ଦରକାର ହେଉଥିଲା । ସ୍ନାନଶୌଚାଦି କାର୍ଯ୍ୟଠୁ ନେଇ ଖୁଆଇ ଦେବା, ଡ୍ରେସ୍ ପିନ୍ଧାଇଦେବା ଏସବୁ ପାଇଁ ତାକୁ ତା' ମା' ଉପରେ ସମ୍ପୂର୍ଣ୍ଣ ନିର୍ଭର କରିବାକୁ ପଡୁଥିଲା । ଆଉ ଯଦି ମା' କୌଣସି ଘର କାମରେ ବ୍ୟସ୍ତ ରହି ଯାଉଥିଲେ ତା'ହେଲେ ଖାଇବା ପିଇବାରେ ପ୍ରାଜକ୍ତାର କେବେକେବେ ବିଳମ୍ବ ବି ହୋଇ ଯାଉଥିଲା ; ଯାହା ଉଭୟ ମା'ବାପାଙ୍କୁ କଷ୍ଟ ଦେଉଥିଲା । ଏହାକୁ ଲକ୍ଷ୍ୟ କରି ବିପିନ କିଛି ଗୋଟେ ସ୍ଥାୟୀ ବ୍ୟବସ୍ଥା କରିବାକୁ ଚିନ୍ତା କଲେ ; ଅନ୍ତତଃ ଖାଦ୍ୟ ଖାଇବା ପାଇଁ ଆଉ ତାଙ୍କ ଝିଅକୁ ଅନ୍ୟ କାହା ଉପରେ ନିର୍ଭର କରିବାକୁ ନ ପଡୁ । ଯେହେତୁ ବିପିନଙ୍କର ମେଶିନ୍, ହାର୍ଡୱେର୍, ସଫ୍ଟୱେର ଉପରେ ଭଲ ଅଭିଜ୍ଞତା ଥିଲା, ତେଣୁ ସେ କମ୍ପାନୀ କାମ ସାରିବା ପରେ ଘରକୁ ଫେରି ଏକ ଛୋଟ ରୋବୋ ତିଆରି କରିବା ପାଇଁ ଚେଷ୍ଟା ଜାରି ରଖିଲେ । ଟେକ୍‌ନିକାଲି ଯଦି କିଛି ତାଙ୍କର ଦ୍ୱନ୍ଦ୍ୱ ରହୁଥିଲା, ସେ ଇଣ୍ଟରନେଟ୍‌ର ସାହାଯ୍ୟ ନେଉଥିଲେ । ଏହା ଥିଲା ୨୦୧୯ ମସିହାର କଥା । ପ୍ରାୟ ୪ ମାସର ପରିଶ୍ରମ ପରେ ବିପିନଙ୍କୁ ସଫଳତା ମିଳିଲା । ସେ ଯେଉଁ ରୋବୋ ତିଆରି କରିଥିଲେ, ତା'ର ମୁହଁ ପାଖରେ ଏକ ଚାମଚ ଲାଗିଥିଲା । ଆଉ ତା' ସାଇଡ୍‌ରେ ଏକ ବୋର୍ଡ ବି ଫିଟିଙ୍ଗ୍ ହୋଇଥିଲା, ଯେଉଁଥିଲେ ତିନୋଟି ଗିନା ସଦୃଶ କଣା ରହିଥିଲା । ଏହି ରୋବୋ କଥାର ରେକର୍ଡିଂ ଅନୁସାରେ କାମ କରୁଥିଲା । ବିପିନ ଉକ୍ତ ରୋବୋର ମେମୋରିରେ କିଛି ଖାଦ୍ୟ ପଦାର୍ଥର ନାଁକୁ ଫିଟ୍ କରି ଦେଇଥିଲେ । ଯଦ୍ୱାରା ସେହି ଖାଦ୍ୟକୁ ନେଇ ରୋବୋରେ ଲାଗିଥିବା ବୋର୍ଡର ଗିନା ସ୍ଥାନରେ ରଖିଦେଇ ତା'ର ନାଁ ନେଲେ ଆପେ ଆପେ ରୋବୋ ତା' ମୁହଁରେ ଲାଗିଥିବା ଚାମଚ ସାହାଯ୍ୟରେ ଉକ୍ତ ଗିନାରୁ ଖାଦ୍ୟ ଧରି ଖୁଆଇବା ପାଇଁ ପ୍ରସ୍ତୁତ ରହୁଥିଲା । ଆଉ ପ୍ରାଜକ୍ତା ପାଟି ଆଁ କରି ତା' ପାଖକୁ ଆସିଲେ ସେ ତାକୁ ଖୁଆଇ ବି ଦେଉଥିଲା । କେବଳ ସେତିକି ନୁହେଁ ବିପିନ ଉକ୍ତ ରୋବୋ ଦେହରେ ଏକ ସ୍ୱତନ୍ତ୍ର ସିଟ୍ ବି ଫିଟିଙ୍ଗ୍ କରିଥିଲେ, ଯାହାର ସୁଇଚ୍ ତଳ ଭାଗରେ ରହୁଥିଲା । ଉକ୍ତ ସିଟ୍‌ରେ ପ୍ରାଜକ୍ତାକୁ ବସାଇଦେଇ ସୁଇଚ୍ ଚିପିଦେଲେ ଏହା ମା' କୋଳରେ ପିଲାଟିଏ ବସି ଯେମିତି ଝୁଲିଝୁଲି ଖାଏ ସେମିତି ଅନୁଭବ ଦେଉଥିଲା । ରୋବୋଟି ଝିଅର ଭଲ କାମରେ ଆସିବାରୁ ଆଉ ତାକୁ ମା'ର ଅନୁଭବ କରାଉଥିବାରୁ ବିପିନ ସେହି ରୋବୋଟିର ନାଁ ଦେଲେ 'ମା' ରୋବୋ' । ବିପିନଙ୍କ ସ୍ତ୍ରୀ ଏଥିରେ ବହୁତ ଖୁସି ବି ହେଲେ । ପରବର୍ତ୍ତୀ ସମୟରେ ବିପିନଙ୍କର ଏଭଳି ରୋବୋ ତିଆରି ସମ୍ପର୍କରେ ଗୋଆ ସରକାର ଓ ଉଚ୍ଚ ଶିକ୍ଷା ବିଭାଗ ଜାଣିବାକୁ ପାଇଥିଲେ ।  ଯଦ୍ୱାରା ଉଚ୍ଚ ଶିକ୍ଷା ବିଭାଗ ତରଫରୁ ଆୟୋଜିତ ଏକ ସ୍ୱତନ୍ତ୍ର ପ୍ରଦର୍ଶନୀରେ ଭାଗ ନେବାକୁ ବିପିନଙ୍କ ପାଖକୁ ଚିଠି ଆସିଥିଲା । ସେଠାରେ ବିପିନଙ୍କ କାମକୁ ସମସ୍ତେ ପ୍ରଶଂସା କରିବା ସହ ତାଙ୍କୁ ସମ୍ବର୍ଦ୍ଧନା ବି କରାଯାଇଥିଲା । ମାତ୍ର ଦଶମ ପାସ୍ କରିଥିବା ଜଣେ ବ୍ୟକ୍ତି ନିଜର ଅଭିଜ୍ଞତା ଓ ଇଚ୍ଛାଶକ୍ତି ବଳରେ ଏଭଳି ଏକ ଉପାଦେୟ ରୋବୋ ତିଆରି କରିବା କଥା ସେ ସମୟରେ ବେଶ୍ ଚର୍ଚ୍ଚାର ବିଷୟ ବି ହୋଇଥିଲା । ଯାହାର ଫଳସ୍ୱରୂପ ବିପିନଙ୍କୁ ତାଙ୍କ କମ୍ପାନୀରେ ସିଏନ୍‌ସି ପ୍ରୋଗ୍ରାମର୍ ଓ ଥ୍ରୀଡି ଡିଜାଇନର୍ ଭାବେ ପ୍ରମୋଶନ ମିଳିଥିଲା ।








ଡାଲଟନ୍ ରୋଜ୍‌ଙ୍କ କାର୍ଡବୋର୍ଡ ଫଟୋ ସହ ପରିବାରବର୍ଗ

## ଦୂରରେ ଥିବା ପୁଅକୁ ପାଖରେ ଅନୁଭବ କରିବାକୁ ମା' ପୁଅର କାର୍ଡବୋର୍ଡ ଫଟୋକୁ ସବୁଠି ରଖିଲେ

ୟୁଏସ୍‌ଏର ଜଣେ ଯୁବକ ହେଲେ **ଡାଲଟନ୍ ରୋଜ୍** ; ଯିଏକି ଉଚ୍ଚ ଶିକ୍ଷା ପାଇଁ ୨୦୧୬ରେ ମା'ବାପା, ଭାଇଭଉଣୀଙ୍କୁ ଛାଡି ଲଣ୍ଡନ ଯାଇଥିଲେ । ସେ ଲଣ୍ଡନ ଚାଲିଯିବା ପରେ ତାଙ୍କ ମା' ସୁସାନ ଡାଲେ ତାଙ୍କୁ ଖୁବ୍ ମନେ ପକାଉଥିଲେ । ଯେତେବେଳେ ବି ଫୋନ୍‌ରେ ପୁଅ ସାଙ୍ଗରେ କଥା ହେଉଥିଲେ ସେ କାନ୍ଦୁଥିଲେ । ପୁଅ କଥା ମନେପଡିଲେ ଆଲବମ୍ ଧରି ବସି ପଡୁଥିଲେ । ମା'କୁ ଟିକେ ଖୁସି ଏବଂ ସର୍‌ପ୍ରାଇଜ୍ ଦେବା ପାଇଁ ଡାଲଟନ୍ ନିଜର ଏକ ଠିଆ ହୋଇଥିବାର ଫଟୋକୁ ୨ଡି ପ୍ରିଣ୍ଟର କାର୍ଡବୋର୍ଡ କଟ୍‌ଆଉଟ୍ କରି ଘର ଠିକଣାରେ ପୋଷ୍ଟ କରିଦେଲେ । ଯେଉଁଦିନ ପୋଷ୍ଟଟି ଆସି ୟୁଏସ୍‌ଏରେ ଡାଲଟନ୍‌ଙ୍କ ଘରେ ପହଞ୍ଚିଥିଲା ପୁଅର ଏତେ ସୁନ୍ଦର ଫଟୋ ଦେଖି ମା' ସୁସାନ ଡାଲେ ଖୁବ୍ ଭାବବିହ୍ୱଳ ହୋଇ ପଡିଥିଲେ । ପୁଅ ଫଟୋକୁ ଧରି ବହୁତ ସମୟ କାନ୍ଦିଲେ । ତା'ପରଠୁ ସେ ଫଟୋକୁ ସେ ଆଉ ନିଜ ପାଖରୁ ମୁହୂର୍ତ୍ତେ ବି ଦୂରେଇ ଦେଲେ ନାହିଁ । ସେ ଯେଉଁଠିକି ବି ଯାଉଥିଲେ ସେଠିକି ପୁଅର ସେହି ଫଟୋଟିକୁ ନେଇକି ଯାଉଥିଲେ । ରୋଷେଇ କଲାବେଳେ ରୋଷଇ ଘରେ ପୁଅର ଫଟୋକୁ ରଖୁଥିଲେ, ଖାଇଲାବେଳେ ଡାଇନିଂ ଟେବୁଲ ପାଖରେ, ଶୋଇବାକୁ ଗଲାବେଳେ ବି ବେଡ୍‌ରେ ପୁଅର ଫଟୋକୁ ବେଡ୍‌ଶିଟ୍ ଘୋଡାଇ ଶୁଆଇ ଦେଉଥିଲେ । କେବଳ ସେତିକି ନୁହେଁ ସକାଳୁ ଉଠିଲେ ଆମେ ଯେମିତି ଦାନ୍ତଘଷୁ, ସ୍ନାନ ଶୌଚାଦି କାମ କରୁ, ସେମିତି ସେ ତାଙ୍କ ପୁଅର ଫଟୋକୁ ବି ବାଥରୁମ୍ ପାଖକୁ ନେଇ ଟାୱେଲ୍ ପିନ୍ଧାଇ ବିଭିନ୍ନ ପୋଜ୍‌ରେ ଫଟୋ ଉଠାଉଥିଲେ । ଏହାଛଡ଼ା ଫ୍ୟାମିଲି ପିକ୍‌ନିକ୍‌ରେ କୁଆଡ଼େ ଗଲେ, କୌଣସି ରେଷ୍ଟୁରାଣ୍ଟରେ ଖାଇଲେ, ମେଡିକାଲ୍ କି ଶପିଂ ମଲ୍ ଗଲେ ବି ସେଠିକି ମଧ୍ୟ ପୁଅର ଏହି ଫଟୋକୁ ନେଇ ଯିବାକୁ ସୁସାନ ଆଦୌ ଭୁଲୁ ନ ଥିଲେ । ଆଉ ସବୁଠି ସେମାନେ ଡାଲଟନ୍‌ଙ୍କର ଏହି କାର୍ଡବୋର୍ଡ ଫଟୋ ସାଙ୍ଗରେ ଫଟୋ ବି ଉଠାଉଥିଲେ । ହେଲେ ଏସବୁ କଥା ବିଷୟରେ ଲଣ୍ଡନରେ ଥିବା ଡାଲଟନ୍ କିଛି ବି ଜାଣି ନ ଥିଲେ । ପରେ ଯେତେବେଳେ ଡାଲଟନ୍‌ଙ୍କ ମା' ସୁସାନ ନିଜ ଫେସ୍‌ବୁକ୍‌ରେ ପୁଅର କାର୍ଡବୋର୍ଡ ଫଟୋ ସଙ୍ଗେ ଉଠିଥିବା ସମସ୍ତ ଫଟୋକୁ ଅପ୍‌ଲୋଡ୍ କଲେ ସେତେବେଳେ ଡାଲଟନ୍ ଏ ସମ୍ପର୍କରେ ଜାଣିବାକୁ ପାଇଲେ । ସେ ବହୁତ ଖୁସି ହେଲେ ଆଉ ଘରକୁ ଫୋନ୍ କରି ସମସ୍ତଙ୍କ ସାଙ୍ଗେ କଥା ହୋଇ ନିଜ ଖୁସିକୁ ବାଣ୍ଟିଥିଲେ ।  ପରବର୍ତ୍ତୀ ସମୟରେ ଏ ଘଟଣାଟି ସୋସିଆଲ୍ ମିଡିଆରେ ବେଶ୍ ଭାଇରାଲ୍ ମଧ୍ୟ ହୋଇଥିଲା ।

ସତରେ ମା'ଛୁଆର ସମ୍ପର୍କ କେତେ ଯେ ଗଭୀର ଆଉ ସମ୍ବେଦନଶୀଳ ହୋଇପାରେ, ଏଇ କେତୋଟି ଘଟଣା ତା'ର ଗୋଟିଏ ଗୋଟିଏ ନିଚ୍ଛକ ଉଦାହରଣ ।

– ଅନ୍ୱିତା ମିଶ୍ର

# ସେଲିବ୍ରିଟିଙ୍କ ପରି ହେବା ନିଶାରେ



ଜଷ୍ଟିନ୍ ବିବର୍ ଟୋବି ସେଲଡନ୍



ମିକି ଜେ’ ମାଇକେଲ ଜ୍ୟାକ୍ସନ

**ସେଲିବ୍ରିଟିଙ୍କ ଫ୍ୟାଶନ ଓ ଷ୍ଟାଇଲ୍‌କୁ ଅନେକେ ଫଲୋ କରନ୍ତି। ସେମାନଙ୍କ ପରି ଚେହେରା ଓ ଫିଗର୍ ପାଇବା ପାଇଁ କେତେ କ’ଣ ପ୍ରୟାସ କରନ୍ତି। ଏମିତିକି ବିପଜ୍ଜନକ କସ୍ମେଟିକ୍ ସର୍ଜରି କରି ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରିବାକୁ ବି ପଛାନ୍ତି ନାହିଁ। ସେମିତି କେତେଜଣ କ୍ରେଜି ଫ୍ୟାନ୍‌ଙ୍କ ସମ୍ପର୍କରେ...**

**ମାଇକେଲ ଜ୍ୟାକ୍ସନଙ୍କ ପରି ହେବା ପାଇଁ ଖର୍ଚ୍ଚ କଲେ ୧୬୦୦୦ ଡଲାର:** ୟୁକେର ମିକି ଜେ’ ହେଉଛନ୍ତି ତିନି ସନ୍ତାନର ଜନନୀ। ଘର ଓ ପିଲାମାନଙ୍କ କଥା ତ ସେ ବୁଝନ୍ତି। ତା’ଛଡ଼ା ସେ ଆମେରିକାର ପ୍ରସିଦ୍ଧ ସିଙ୍ଗର, ସଙ୍ଗରାଇଟର୍, ଡ୍ୟାନ୍ସର ମାଇକେଲ ଜ୍ୟାକ୍ସନଙ୍କର ଜଣେ ବହୁତ ବଡ଼ ଫ୍ୟାନ୍। କେବଳ ଫ୍ୟାନ୍ ନୁହେଁ ତାଙ୍କ ଭଳି ଗେଟ୍‌ଅପ୍ ନେଇ ତାଙ୍କରି ଭଳି କଣ୍ଠରେ ଗାଇ, ପରଫର୍ମ ବି କରିପାରନ୍ତି। ୧୯୯୧ ମସିହାରେ ସେ ଥରେ ମାଇକେଲ୍ ଜ୍ୟାକ୍ସନଙ୍କ ଗେଟ୍‌ଅପ୍‌ରେ ଅବିକଳ ତାଙ୍କରି ଭଳି ପରଫର୍ମ କରି ଏକ ଟ୍ୟାଲେଣ୍ଟ ଶୋ’ ଜିତିଥିଲେ। ଏହା ପରେ ମାଇକେଲ୍ ଜ୍ୟାକ୍ସନଙ୍କ ପ୍ରତି ଥିବା ତାଙ୍କର ଭଲ ପାଇବା, ପାଗଳାମିରେ ପରିଣତ ହୋଇଗଲା। ଆଉ ସେ ନିଜକୁ ମାଇକେଲ ଜ୍ୟାକ୍ସନରେ ରୂପାନ୍ତର କରିବାକୁ ନିଷ୍ପତ୍ତି ନେଲେ। ଏଥିପାଇଁ ସାହାଯ୍ୟ ନେଲେ କସ୍ମେଟିକ୍ ସର୍ଜରିର। ନିଜର ନାକ, ଗାଲ, ଥୋଡିର ଅସ୍ତ୍ରୋପଚାର ସହ ସ୍କିନ୍ ବ୍ଲିଚିଂ ବି କରାଇଲେ। ଏମିତିରେ ଖର୍ଚ୍ଚ କଲେ ପ୍ରାୟ ୧୬୦୦୦ ଡଲାର। ଏହା ପରେ ମାଇକେଲ ଜ୍ୟାକ୍ସନ ରୂପରେ ସେ କରିଚାଲିଲେ ଶୋ’। କେବଳ ୟୁକେ ନୁହେଁ ବାହାରେ ବି ପରଫର୍ମ କଲେ। ହୋଇଗଲେ ପ୍ରସିଦ୍ଧ। ଏବେ ସେ ବାର୍ଷିକ ୨୪୦,୦୦୦ ଡଲାର ରୋଜଗାର କରୁଛନ୍ତି।

**୧୦,୦୦୦ ଡଲାର ଖର୍ଚ୍ଚ କରି ପାଲଟିଲେ ଜଷ୍ଟିନ୍ ବିବର୍:** ଟୋବି ସେଲଡନ୍ ବା ଟୋବିଆସ୍ ଷ୍ଟ୍ରେବଲ୍ ଥିଲେ ଜର୍ମାନୀର ସଙ୍ଗ ରାଇଟର୍ ଓ ରିଆଲିଟି ଟେଲିଭିଜନ୍ ପର୍ସନାଲିଟି। ତେବେ ସେ ସେତେବେଳେ ଅଧିକ ଲୋକଲୋଚନକୁ ଆସିଥିଲେ ଯେବେ ସେ କାନାଡୀୟ ପପ୍ ସିଙ୍ଗର ଜଷ୍ଟିନ୍ ବିବର୍‌ଙ୍କ ପରି ଦେଖାଯିବା ଲାଗି ୧୦୦,୦୦୦ଡଲାର ଖର୍ଚ୍ଚ କରି ପ୍ଲାଷ୍ଟିକ ସର୍ଜରି କରାଇଥିଲେ।

ୱେଷ୍ଟ ଜର୍ମାନୀର ନ୍ୟୁରେମବର୍ଗରେ ଜନ୍ମ ଗ୍ରହଣ କରିଥିବା ଟୋବି ଆମେରିକା ଚାଲି ଆସିଥିଲେ ସଙ୍ଗ ରାଇଟିଂରେ କ୍ୟାରିୟର କରିବା ପାଇଁ। ହେଲେ ସେ ଏଥିରେ ସଫଳ ହୋଇ ପାରି ନ ଥିଲେ। ତେଣୁ ସେ ପ୍ରଥମେ ପ୍ରଡକ୍ସନ ଆସିଷ୍ଟାଣ୍ଟ ଓ ପରେ ଲାଇସେନ୍ସପ୍ରାପ୍ତ ଭୋକେଶନାଲ ନର୍ସଭାବେ କାମ କଲେ। ତେବେ ତାଙ୍କ ମନରେ କାନାଡୀୟ ପପ୍ ସିଙ୍ଗର ଜଷ୍ଟିନ ବିବର୍‌ଙ୍କ ପ୍ରତି ଥିଲା ବହୁତ ଭଲ ପାଇବା। ସେ ତାଙ୍କୁ ଏତେ ଭଲ ପାଉଥିଲେ ଯେ, ତାଙ୍କରି ପରି ଦେଖାଯିବାକୁ ବି ଚାହୁଁଥିଲେ। ତେଣୁ ୨୦୦୪ରୁ ସେ ଜଷ୍ଟିନ ବିବର୍‌ଙ୍କ ପରି ଦେଖାଯିବା ଲାଗି କସ୍ମେଟିକ ସର୍ଜରି କରାଇବାକୁ ଲାଗିଲେ। ଯେଉଁଥିରେ ସେ ଅନେକ ଥର ହେୟାର ଟ୍ରାନ୍ସପ୍ଲାଣ୍ଟ କରାଇବା ସହ ଲିପୋସକ୍ସନ ଓ ଫେସିଆଲ ଫିଲର୍ କରାଇଲେ। ୨୦୦୮ ବେଳକୁ ସେ ଜଷ୍ଟିନ ବିବର୍‌ଙ୍କ ପରି ୟୁଥ୍‌ଫୁଲ ଲୁକ୍ ପାଇଲେ। ଆଉ ସେ ହୋଇଗଲେ ଚର୍ଚ୍ଚିତ। ଆସିଗଲେ ସ୍ପଟ୍ ଲାଇଟ୍‌କୁ। ଟିଭି ରିଆଲିଟି ଶୋ’ର ଫିଗର୍ ପାଲଟିଗଲେ। ‘ବଟ୍‌ଡ’, ‘ମାଇଁ ଷ୍ଟ୍ରେଞ୍ଜ ଆଡିକ୍ସନ’ ଓ ‘ଦ ଡକ୍ଟର୍ସ’ ଭଳି ଶୋ’କୁ ତାଙ୍କୁ ନିମନ୍ତ୍ରଣ କରାଗଲା। ତେବେ ମାତ୍ର ୩୪ ବର୍ଷ ବୟସରେ ଲସ୍‌ଏଞ୍ଜେଲସ୍‌ର ମୋଟେଲ ୬ର ଏକ ରୁମ୍‌ରୁ ତାଙ୍କର ମୃତଦେହ ମିଳିଥିଲା।

**ଆଡାମ ଡାନିଏଲ୍ ଗୁଏରାରୁ ପାଲଟିଲେ ମଡ୍ରୋନା:** କାଲିଫର୍ନିଆରେ ବଢିଥିବା ଆଡାମ ଜଣେ ଆମେରିକୀୟ ପରଫର୍ମର, ଟେଲିଭିଜନ ପର୍ସନାଲିଟି ଏବଂ ଜଣେ ଇମ୍‌ପର୍ସୋନେଟର। ଅର୍ଥାତ୍ ସେ ଜଣେ ପୁରୁଷ ହୋଇ ବି ନାରୀ ବେଶରେ ନୃତ୍ୟ କରି ମନୋରଞ୍ଜନ କରାନ୍ତି। ଖାସ୍ କରି ‘କୁଇନ୍ ଅଫ୍ ପପ୍’ ଭାବେ ପରିଚିତ ମଡ୍ରୋନାଙ୍କର ସେ ବଡ଼ ଫ୍ୟାନ୍। ଆଉ ତାଙ୍କରି ବେଶରେ ପରଫର୍ମ କରି ସେ ବହୁ ଚର୍ଚ୍ଚିତ। ଖାଲି ଯେ, ସେ ମଡ୍ରୋନାଙ୍କ ବେଶ ଧାରଣ କରନ୍ତି ତାହା ନୁହେଁ, ମଡ୍ରୋନାଙ୍କ ଭଳି ଦେଖାଯିବା ଲାଗି ସେ ଅନେକ କସ୍ମେଟିକ ସର୍ଜରି ବି କରାଇଛନ୍ତି।

ଯେଉଁଥିରେ ରହିଛି ଚିକ୍‌ବୋନ୍ ଇମ୍ପ୍ଲାଣ୍ଟ, ଚିନ୍ ଇମ୍ପ୍ଲାଣ୍ଟ, ଫିଲର୍‌ସ, ବୋଟକ୍ସ ଓ ନୋଜ୍ ଜବ୍ ଆଦି। ଯେଉଁଥିପାଇଁ ସେ ଖର୍ଚ୍ଚ କରିଛନ୍ତି ୧୦୦,୦୦୦ଡଲାର। ସେ ଜୀବନରେ ଥରେ ମଡ୍ରୋନାଙ୍କ ସହ ଦେଖା କରି ତାଙ୍କୁ କାର୍ଡ ସହ ଗୋଲାପ ଫୁଲ ଦେବାକୁ ଚାହାନ୍ତି। ଆଉ ଧନ୍ୟବାଦ ଦେବାକୁ ଚାହାନ୍ତି ଯେ, ତାଙ୍କୁ ଅନୁକରଣ କରି ଆଜି ସେ ଏକ ସୁନ୍ଦର ଜୀବନ ଜିଉଛନ୍ତି। ମଡ୍ରୋନାଙ୍କ ବେଶରେ ପରଫର୍ମ କରିବା ପୂର୍ବରୁ ସେ ମର୍ଲିନ ମୋନରୋ, ପ୍ୟାରିସ୍ ହିଲଟନ୍, ଗ୍ୱେନ୍ ଷ୍ଟେଫାନୀ, ଜୁଡ଼ି ଗାର୍‌ଲାଣ୍ଡଙ୍କ ବେଶଧାରଣ କରି ବି ପରଫର୍ମ କରିଛନ୍ତି।

**କିମ୍ କାର୍ଦ୍ଦେଶିଆନ୍ ହେବା ନିଶାରେ ଚାଲିଗଲା ଜୀବନ:** ଦକ୍ଷିଣ କାଲଫର୍ନିଆରେ ଜନ୍ମିତ ୩୪ ବର୍ଷୀୟା ମଡେଲ କ୍ରିଷ୍ଟିନା ଆଷ୍ଟେନ୍ ଗୌରକାନିଙ୍କ ପରିବାର ସବୁବେଳେ ପାଠପଢା ଉପରେ ଅଧିକ ଗୁରୁତ୍ୱ ଦେଇଥାନ୍ତି। ହେଲେ ବଡ଼ ହେବା ସହ କ୍ରିଷ୍ଟିନାଙ୍କର ପାଠପଢା ନୁହେଁ ବରଂ ଷ୍ଟାଇଲ ଓ ଫ୍ୟାଶନ ପ୍ରତି ଭଲ ପାଇବା ବଢିବାକୁ ଲାଗିଲା। କେବଳ ସେତିକି ନୁହେଁ ତାଙ୍କ ଲୁକ୍ ବି କିଛିକିଛି କିମ୍ କାର୍ଦ୍ଦେଶିଆନ୍‌ଙ୍କ ଭଳି ଦେଖାଗଲା। ଲୋକେ ବି ତାଙ୍କୁ କାର୍ଦ୍ଦେଶିଆନ କହିବାକୁ ଲାଗିଲେ। ଫଳରେ ତାଙ୍କ ମନରେ ସମ୍ପୂର୍ଣ୍ଣଭାବେ କିମ୍ କାର୍ଦ୍ଦେଶିଆନ୍‌ଙ୍କ ଭଳି ଚେହେରା ଓ ଶରୀର ପାଇବାର ଝୁଙ୍କ ବଢିଲା। ତାଙ୍କ ଭଳି ମେକ୍‌ଅପ୍ ଓ ହେୟାର୍ ଷ୍ଟାଇଲ୍ କରିବାକୁ ଲାଗିଲେ। ସେଇଭଳି ଫିଟ୍ ଓ କର୍ଭି ଶରୀର ପାଇବା ଲାଗି ଖୁବ୍ ଏକ୍ସରସାଇଜ୍ କଲେ। ଏହାବାଦ ସେ ଅନେକ ବିପଜ୍ଜନକ କସ୍ମେଟିକ ସର୍ଜରି ବି କରାଇଲେ। ବ୍ରେଷ୍ଟ ଇମ୍ପ୍ଲାଣ୍ଟ, ହିପ୍ ଇମ୍ପ୍ଲାଣ୍ଟ, ନୋଜ୍ ଜବ୍, ଗାଲ ଓ ଥୋଡିର ସର୍ଜରି ଭଳି ଅନେକ ସର୍ଜରି କରାଇଲେ। ଆଉ ନିଜ ଶରୀରକୁ କାଟିକୁଟି, ଯୋଡିଯାଡି କରି ପୂରାପୂରି କୃତ୍ରିମ କାର୍ଦ୍ଦେଶିଆନ୍ ପାଲଟିଗଲେ। ଏହାପରେ ତାଙ୍କୁ ମିଡିଆ ଆଟେନଶନ୍ ମିଳିଲା। ମଡେଲିଂର ଅଫର୍ ମିଳିଲା। ସୋସିଆଲ ମିଡିଆରେ ତାଙ୍କର ଯୋଡ଼ି ହେଲେ ଅନେକ ଫ୍ୟାନ୍। କିନ୍ତୁ ଦୁଃଖର କଥା, ଥରେ ଏମିତି ଏକ କସ୍ମେଟିକ ସର୍ଜରି କରାଇବାବେଳେ ତାଙ୍କର ହୃଦ୍‌ଘାତ ହୋଇଗଲା ଓ ସେ ମୃତ୍ୟୁବରଣ କଲେ।



କିମ୍ କାର୍ଦ୍ଦେଶିଆନ୍ – କ୍ରିଷ୍ଟିନା ଆଷ୍ଟେନ୍ ଗୌରକାନି





ଆଡାମ ଡାନିଏଲ୍ ଗୁଏରା ମଡ୍ରୋନା

# ସ୍ୱରର ନୂଆ ସମ୍ଭାବନା ସତ୍ୟବ୍ରତ



**ସ**ଙ୍ଗୀତର ସୁର, ଲୟ ଓ ତାଳରେ ବନ୍ଧା ତାଙ୍କ ଜୀବନ। ତାଙ୍କ ସ୍ୱରରେ ଯେମିତି ଯାଦୁ ଅଛି । ଲକ୍ଷ ଲକ୍ଷ ଶ୍ରୋତାଙ୍କୁ ନିଜର ସ୍ୱରରେ ବାନ୍ଧି ରଖିଥିବା ଏହି କଣ୍ଠଶିଳ୍ପୀ ହେଲେ **ସତ୍ୟବ୍ରତ ଜେନା**। ୨୦୦୪ ନଭେମ୍ବର ୧୭ରେ ବାଲେଶ୍ୱର ଜିଲାର ବସ୍ତା ବ୍ଲକ ଅନ୍ତର୍ଗତ କୁଡ଼ିଆ ଗ୍ରାମର ଏକ ସାଧାରଣ ପରିବାରରେ ସତ୍ୟବ୍ରତଙ୍କ ଜନ୍ମ। ଏକ ଛୋଟ ଗାଁରୁ ଆରମ୍ଭ କରିଥିଲେ ସେ ତାଙ୍କ ଜୀବନ ଯାତ୍ରା। କିନ୍ତୁ ସ୍ୱପ୍ନ ଥିଲା ବହୁତ ବଡ଼। ଦିନେ ଜଣେ କଣ୍ଠଶିଳ୍ପୀ ହୋଇ ସାରା ଓଡ଼ିଶାର ଲୋକଙ୍କ ହୃଦୟ ଜିଣିବା। ଜେଜେବାପା ଗୋକୁଳା ନନ୍ଦ ଜେନା ଯାତ୍ରାରେ ସଙ୍ଗୀତ ନିର୍ଦ୍ଦେଶନା ସହ ଅଭିନୟ ବି କରୁଥିଲେ। ପିତା ଗଣେଶ୍ୱର ଜେନା ବି ଗୀତ ଗାଉଥିଲେ। ଯେତେବେଳେ ମତେ ଦୁଇ ତିନି ବର୍ଷ ଜେଜେ ହାରମୋନିୟମ ଧରି ଭିକାରୀ ବଳଙ୍କ ଭଜନ ଗାଉଥିଲେ ଓ ମତେ ପାଖରେ ବସାଇ ଶିଖାଉଥିଲେ। ମୋର ସଙ୍ଗୀତ ପ୍ରତି ଆଗ୍ରହ ଦେଖି ବାପା ଓ ମା' କାଞ୍ଚନ ଜେନା ମତେ ବିଧିବଦ୍ଧ ଗୀତ ଶିଖାଇବାର ନିଷ୍ପତ୍ତି ନେଲେ। ଦ୍ୱିତୀୟ ଶ୍ରେଣୀରେ ପଢିବାବେଳେ ବାପା ନେଇ ପ୍ରାଚୀନ କଳା ବିକାଶ କେନ୍ଦ୍ର, ନୀଳଗିରିରେ ଆଡମିଶନ କରାଇଲେ। ଗୁରୁ ଗୌରହରି ଜେନାଙ୍କ ନିକଟରୁ ମୁଁ ସଙ୍ଗୀତ ଶିକ୍ଷା ଆରମ୍ଭ କଲି। ପରେ ପ୍ରାଚୀନ କଳା କେନ୍ଦ୍ର କୁରୁକ୍ଷେତ୍ର ବିଶ୍ୱବିଦ୍ୟାଳୟ ଚଣ୍ଡୀଗଡ଼ରୁ ହିନ୍ଦୁସ୍ତାନୀ ଶାସ୍ତ୍ରୀୟ ସଙ୍ଗୀତରେ ବିଶାରଦ ଉପାଧି ଲାଭ କଲି। ବର୍ତ୍ତମାନ ମୁଁ ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟ, ଭୁବନେଶ୍ୱରରେ ସଙ୍ଗୀତ ବିଭାଗର ତୃତୀୟ ବର୍ଷର ସ୍ନାତକ ଛାତ୍ର।'

ଖୁବ୍ ସୁନ୍ଦର ସ୍ୱରର ଅଧିକାରୀ ସତ୍ୟବ୍ରତଙ୍କ ସଙ୍ଗୀତର ଯାତ୍ରା ଏବେ ଆଗକୁ ଆଗକୁ ବଢୁଛି। ସେ ଗାଇଥିବା ଗୀତଗୁଡିକ ମଧ୍ୟରେ ମଣିମା, ସେ ରଥରେ ଆସେ ମୋ ଜଗନ୍ନାଥ, ଚନ୍ଦ୍ରିକା, ହେ କଳା ମାଧବ, ସତ ଜଗନ୍ନାଥ, କାଉଡ଼ିଆ ମାଡି ଚାଲ, ଚାଲ ଯିବା ବୈଷ୍ଣୋଧାମ, ରାଧାର ରାଣ ତୋତେ ମୀରାର ରାଣ, ତୁ କେମିତିକା ନାଥ ହେ ଜଗନ୍ନାଥ, ମା' ଗାଦି ଦୁର୍ଗା, ରାଖୀ ବାନ୍ଧିଦେବି ହାତ ଦେ ବଢେଇ, ପ୍ରିୟା ତୋ ବିନାରେ, ତୁମ ନାମ ପ୍ରେମେ ମନ ଦେଇଛି ବୋଲି, ଭଜମନ ଗୁରୁ ଚରଣ, ଗଛକୁ କାଟିଲେ କାଠ, କାଠକୁ ଖୁଣ୍ଟିଲେ ରଥ ଇତ୍ୟାଦି ବେଶ୍ ଜଣାଶୁଣା । ଯେଉଁଥିପାଇଁ ୨୦୧୮ ରେ ସେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଠାରୁ 'ମୁଁ ହିରୋ ମୁଁ ଓଡ଼ିଶା' ବିଜେତା ପୁରସ୍କାର, ୨୦୨୦ରେ ରାଜ୍ୟପାଳଙ୍କଠାରୁ ରାଜ୍ୟପାଳ ସ୍କାଉଟ୍ ପୁରସ୍କାର, ୨୦୨୨ରେ ଆନ୍ଧ୍ରପ୍ରଦେଶର ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନଙ୍କଠାରୁ ସୁଲଗ୍ନା ଶିକ୍ଷା ସଂସ୍ଥା ପୁରସ୍କାର, ୨୦୨୩ରେ ସିଦ୍ଧାର୍ଥ ଭକ୍ତି ଟିଭି ଚ୍ୟାନେଲ୍‌ର ଭକ୍ତି ଆଖଡ଼ା ରିୟାଲିଟି ଶୋ'ରେ ପ୍ରଥମ ସ୍ଥାନ ଅଧିକାର କରି ନମିତା ଅଗ୍ରୱାଲଙ୍କ ହାତରୁ ଟ୍ରଫି ଓ ପ୍ରମାଣପତ୍ର ଲାଭ କରିଥିଲେ। ସେ ପ୍ରାର୍ଥନା ଟିଭିର 'ପ୍ରାର୍ଥନା ପ୍ରତିଭା', 'ପ୍ରଥମ ସ୍ୱର', ଡିଡି ଓଡ଼ିଆ ଦୂରଦର୍ଶନ ଟିଭି ଚ୍ୟାନେଲ ପ୍ରସାରିତ 'ଆମରି ଗୀତ ଆମରି ସ୍ୱର', ତରଙ୍ଗ ଟିଭି 'ଭଏସ୍ ଅଫ ଓଡ଼ିଶା' ଏବଂ ସିଦ୍ଧାର୍ଥ ଟିଭିର 'ଓଡ଼ିଶାର ନୂଆ ସ୍ୱର' ଭଳି ବିଭିନ୍ନ ରିଆଲିଟି ଶୋ'ରେ ଶ୍ରେଷ୍ଠ ପ୍ରତିଯୋଗୀ ଭାବେ ନିଜ ସ୍ୱରର ଯାଦୁ ଦେଖାଇଛନ୍ତି। ଏହାବାଦ ନୂଆଦିଲ୍ଲୀରେ କେନ୍ଦ୍ର ସରକାରଙ୍କଦ୍ୱାରା (ୱାର୍ଲଡ ଚାରିଟି ୱେଲଫେୟାର ଫାଉଣ୍ଡେଶନ୍) ଜାତୀୟ ସ୍ତରୀୟ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମରେ ଶ୍ରେଷ୍ଠ କଣ୍ଠଶିଳ୍ପୀ ସମ୍ମାନ ୨୦୨୪ ଏବଂ ୨୦୨୫ରେ ବାଣୀପୀଠ ସାରସ୍ୱତ କଳାକାର ସମ୍ମାନ ସହିତ ସମୟର ଚକ୍ର ଶ୍ରେଷ୍ଠ କଣ୍ଠଶିଳ୍ପୀ ସମ୍ମାନ ମଧ୍ୟ ଲାଭ କରିଛନ୍ତି।

ସତ୍ୟବ୍ରତ କେବଳ ଜଣେ ଗାୟକ ନୁହନ୍ତି, ମାନବ ସେବା ହିଁ ମାଧବ ସେବାକୁ ପାଥେୟ କରି ସେ ସମାଜସେବାରେ ନିଜକୁ ନିୟୋଜିତ କରିଛନ୍ତି। ଯେପରିକି ପୁରୀ ରଥଯାତ୍ରା ସମୟରେ ଜଳ ଓ ସରବତ ବିତରଣ, ଲିଙ୍ଗରାଜ ମନ୍ଦିରରେ ପ୍ରଚଣ୍ଡ ରୌଦ୍ରତାପରୁ ଭକ୍ତମାନଙ୍କୁ ରକ୍ଷାକରିବା ପାଇଁ ଜଳ ସିଞ୍ଚନ, ଗରିବ ଦୁଃଖୀରଙ୍କୀମାନଙ୍କୁ ଖାଦ୍ୟ ଓ ବସ୍ତ୍ର ବିତରଣ, ବୃକ୍ଷରୋପଣ, ରକ୍ତଦାନ ଭଳି ମହତ୍ କାର୍ଯ୍ୟ କରିବାରେ ସଦାସର୍ବଦା ଲାଗି ରହିଥାନ୍ତି। ସେ କୁହନ୍ତି, 'ସୁର ମୋର ପ୍ରାଣ, ଭକ୍ତି ମୋର ନିଃଶ୍ୱାସ ଏବଂ ସମାଜସେବା ମୋର ଧର୍ମ।'

ତାଙ୍କ ଜୀବନର ଲକ୍ଷ୍ୟ ଜଣେ ପ୍ଲେବ୍ୟାକ୍ ସିଙ୍ଗର ହେବା । ସତ୍ୟବ୍ରତ ଜେନା ଏମିତି ଏକ ନୂଆ ସ୍ୱର, ଯାହାଙ୍କ ଭିତରେ ରହିଛି ଓଡ଼ିଆ ସଙ୍ଗୀତ ଜଗତର ଆଗାମୀ ଭବିଷ୍ୟତ। ତାଙ୍କ ସ୍ୱପ୍ନ ନିଜ ସ୍ୱର ମାଧ୍ୟମରେ ସମସ୍ତ ହୃଦୟରେ ନିଜର ଜାଗା ତିଆରି କରିବା।







# ପରିଚୟ ଦେଇଛି ପଥର ମୂର୍ତ୍ତି

**ଥ**ରେ ତାଙ୍କ ଗାଁରେ ଆୟୋଜିତ ହେଉଥାଏ ଏକ ପଥର ଖୋଦେଇ ତାଲିମ ଶିବିର। ସେଠାରେ ଏକାଧିକ ଛାତ୍ରଙ୍କୁ ଟ୍ରେନିଂ ଦିଆଯାଉଥିଲା। ସେତେବେଳେ ସେହି ଶିବିରରେ ତିଆରି ବିଭିନ୍ନ ପଥର ମୂର୍ତ୍ତିକୁ ଦେଖି ସେ ଏହି ଶିଳ୍ପକଳା ପ୍ରତି ମନ ବଳାଇଥିଲେ। ସେବେଠାରୁ ଆଉ ପଛକୁ ଚାହିଁ ନାହାନ୍ତି। ସେ ହେଲେ କଳାହାଣ୍ଡି ଜିଲା ଆମପାଣି ଗାଁର ଶିଳ୍ପୀ **ଲକ୍ଷ୍ମଣ ବାଗ**। ସେ କୁହନ୍ତି, '୨୦୦୫ ମସିହାର କଥା। ସେତେବେଳେ ଆମ ଗାଁଠାରେ କଳିଙ୍ଗ ମହସଂଘ ତରଫରୁ ୬ମାସିଆ ପଥର ଖୋଦେଇ ତାଲିମ ଶିବିର ଆୟୋଜିତ ହୋଇଥିଲା। ଏଠାରେ ବିଭିନ୍ନ ପଥର ଖୋଦେଇ କାରୁକାର୍ଯ୍ୟ ଦେଖି କିପରି ଜଣେ ଶିଳ୍ପୀ ହୋଇପାରିବି ଚିନ୍ତା କଲି। ତା' ପରେ ଗାଁରେ ୬ମାସ ତାଲିମ ସରିବା ପରେ ଖୋର୍ଦ୍ଧାର



ବାଘମାରିକୁ ଆସି ଗୁରୁ କଳ୍ପତରୁ ପଣ୍ଡାଙ୍କଠାରୁ ପଥର ମୂର୍ତ୍ତି ତିଆରି ଶିକ୍ଷାଲାଭ କଲି। ଏହାପରେ ଗୁରୁ ମହେନ୍ଦ୍ର ସାମଲ, କାଶୀନାଥ ତ୍ରିପାଠୀ ଓ ବିଷ୍ଣୁପଦ ତ୍ରିପାଠୀଙ୍କ ସହିତ ଯୋଗାଯୋଗ କରି ୨୦୦୭ରେ ପୁରୀରେ ବର୍ଷଟେ ଧରି ବିଭିନ୍ନ ମୂର୍ତ୍ତିକାମ ଶିଖିଲି। ତା'ପରେ ଭୁବନେଶ୍ୱର ଆସି ଗଣ୍ଡମୁଣ୍ଡାସ୍ଥିତ ଓଡ଼ିଶା ସରକାରଙ୍କ ରାଜ୍ୟ ହସ୍ତଶିଳ୍ପ ତାଲିମ କେନ୍ଦ୍ରଠାରେ ୪ବର୍ଷିଆ ତାଲିମ ପ୍ରାପ୍ତକଲି। ଏହାପରେ ମୁଁ ଅହମ୍ମଦାବାଦ, ସୁରଟ, ଦିଲ୍ଲୀ, ରାଜସ୍ଥାନ, ଜୟପୁର, ହାଇଦ୍ରାବାଦ ଆଦି ରାଜ୍ୟ ଯାଇ କାମ କଲି। ଏବେ ନିଜ ଗାଁକୁ ଫେରି ପଥର ମୂର୍ତ୍ତି କାମ କରିବା ସହିତ ଏକ ମୂର୍ତ୍ତି ୱର୍କଶପ କରିଛି। ପଥରରେ ବିଭିନ୍ନ ମୂର୍ତ୍ତି ହେଉଛି। ଯାହା ମଧ୍ୟରେ– ଗଣେଶ, ସରସ୍ୱତୀ, ଲକ୍ଷ୍ମୀ ନାରାୟଣ, ଶିବ ପାର୍ବତୀ, ଗ୍ରାମ ଦେବାଦେବୀ ଠାକୁରାଣୀ ଇତ୍ୟାଦି ରହିଛି। ଏଥିରୁ ଭଲ ରୋଜଗାର ହୋଇପାରୁଛି।' ତାଙ୍କର ଏହି ମୂର୍ତ୍ତି କାରିଗରିରୁ ସେ କେବଳ ଅର୍ଥ ରୋଜଗାର କରୁ ନାହାନ୍ତି ବିଭିନ୍ନ ସ୍ଥାନରୁ ପୁରସ୍କୃତ ମଧ୍ୟ ହୋଇଛନ୍ତି।



# କବିତା ଲେଖୁଥିବା ମଣିଷ



–ବିଜୟ ଲକ୍ଷ୍ମୀ ପାଣିଗ୍ରାହୀ

କୁହୁଡି ପିଉଥିବା ଓଠ
ଡେଣା ଝାଡୁଥିବା ପଲକ
ସ୍ୱପ୍ନ ଉଷୁମାଉଁଥିବା ଆଖି
ନିଡ଼ ଗଢୁଥିବା ହାତ
ପଛକୁ ଫେରିପାରୁଥିବା ପାଦ
ହାକୁଟି ମାରୁଥିବା ହୃଦୟ
ସବୁ ଏବେ ବେଶ୍ ମସଗୁଲ୍।
ଚାରିପାଖେ ଚିତ୍ର ଆଉ ଚରିତ୍ର
ହଳଦୀ ରଙ୍ଗମାଖା ନଖରାମି
ଶବ୍ଦର ସୁଆଙ୍ଗ
ଆବେଗର ଆହ୍ଲାଦ
ସବୁଫର୍ଦ୍ଦରେ କବିତା ହିଁ କବିତା
ଅଥଚ ପ୍ରଶ୍ନଟିଏ।
ମୁଁ କବି... ନା
କବିତା ଲେଖୁଥିବା ମଣିଷ... ?

–କୋରାପୁଟ, ମୋ:୮୨୪୯୪୫୦୦୫୦

# ରୂପକଳ୍ପ

–ସୁଶ୍ରୀ ହରପ୍ରିୟା ସାହୁ

ଆକାଶକୁ ମୁହଁ କରି ଛିଡ଼ାହେଲେ
ସକାଳ ଆସେନି
ସୂର୍ଯ୍ୟଙ୍କୁ ମୁଣ୍ଡ ଉପରେ ଦେଖିଲେ
ଦିନ ବି ସରେନି ।
କିନ୍ତୁ ସକାଳ
ପ୍ରତୀକ୍ଷିତା ରଜନୀର ସିନ୍ଦୂର ପଣତ
ଅନେକ ସମ୍ଭାବନାର ଅରୁଣିମାରେ
ସୁନେଲି ତା'ର ଭବିଷ୍ୟତ ।
ମଧ୍ୟାହ୍ନର ଆଖିରେ
ଆଞ୍ଜୁଳାଏ ସ୍ୱପ୍ନ ଭରିଦେବା ପାଇଁ
ସେ ଖୋଜୁଥାଏ ଭଲପାଇବାର ସଞ୍ଜ
ଆଉ ଜୀବନ କବିତା ପାଇଁ
କିଛି ଆବେଗର ରୂପକଳ୍ପ ।

–ପଥୁରିଆ ସାହି, ପୁରୀ
ମୋ:୭୭୩୫୫ ୨୯୩୧୯

# ନାମହୀନ ପ୍ରଜାପତି

–ଲକ୍ଷ୍ମଣ କୁମାର



ଏତେ ସକାଳୁ ସକାଳୁ ତୁମେ ମୋତେ ତୁମ ଘରକୁ ଡାକିବା ମାନେ ? ମୋ ପ୍ରଶ୍ନ ଶୁଣି ତା' ଓଠରେ ଚହଲିଗଲା ଚାମୁଚାଏ ସ୍ମିତହସ। ସେ କହିଲା: ମୁଁ ଜାଣିଛି ତୁମେ ବିରକ୍ତ। ସକାଳୁ ଉଠିବା ତୁମ ଅଭ୍ୟାସରେ ନାହିଁ ନା! କିନ୍ତୁ ବସ କହିବି। ଅଗଣାରେ ଶିଶିରଭିଜା ଫୁଲଙ୍କ ପାଖୁଡ଼ାରେ ଚିକ୍‌ମିକ୍ କରୁଥିଲା ସୁନେଲି ସୂର୍ଯ୍ୟ କିରଣ। ଗୋଟେ ସିମେଣ୍ଟ ବେଞ୍ଚ୍‌ରେ ସେ ଓ ମୁଁ ପାଖାପାଖି ବସିଲୁ। ତା'ପରେ ସେ କହିଲା: ଟିକିଏ ବସିଥାଅ, ମୁଁ ଚା' ନେଇ ଆସୁଛି। ସେ ଘର ଭିତରକୁ ଗଲା ଓ ଅଳ୍ପ ସମୟ ଭିତରେ ଦୁଇ କପ୍ ଚା' ତିଆରି କରି ଆଣିଲା। ମୋ ହାତକୁ ବଢ଼ାଇ ଦେଲା ଗୋଟେ କପ୍। ପୂର୍ବ ଦିଗକୁ ଆମେ ଦୁହେଁ ମୁହଁ କରି ବସିଥିଲୁ। ଆମ ଦେହରେ, ମୁହଁରେ ନେସି ହେଉଥିଲା ଉଦୟ ଦିଗଙ୍ଗନାର ରଙ୍ଗ।

: ଏଇ ଦେଖ, କାକର କେମିତି ଝରିପଡୁଛି ଥପ୍ ଥପ୍ ଫୁଲ ପାଖୁଡ଼ାରୁ, ଗଛପତ୍ରରୁ। ସେ କାକର ପୁଣି କୁଆଡ଼େ ହଜିଯାଏ ସାମାନ୍ୟ ଉଷ୍ମ କିରଣରେ। ଜୀବନ ତ ସେମିତି ଟୋପେ କାକର ପରି ନୁହେଁ! ଏଇଥିବ, ଏଇ ନ ଥିବ। ସେ ମୋତେ ଭାବୁକ କରିଦେଲା।

: ତଥାପି ଆମ ଭିତରେ କେତେ ହିସାବକିତାବ, ପ୍ରାପ୍ତି ଅପ୍ରାପ୍ତିର, ସ୍ୱପ୍ନ ଓ ଅବସୋସର। ଆସ ଆଉ କେବେ ଅବସୋସ ରଖିବାନି।

: ଅର୍ଥାତ୍ ତୁମେ ସବୁ ଅବସୋସ, ସବୁ ସ୍ୱପ୍ନକୁ ଅତିକ୍ରମ କରିଯାଇଛ କିନ୍ତୁ ମୁଁ କାହିଁକି ତୁମକୁ ଅତିକ୍ରମ କରିପାରୁନି। ମୁଁ କାହିଁକି ଅଟକି ଯାଇଛି ତୁମ ପାଖରେ? ସେ ମୋ ପ୍ରଶ୍ନର କିଛି ବି ଉତ୍ତର ଦେଲାନି।

: ଗୁଡ଼ାଏ ଦିନ ହେଲା ତୁମେ ନିରବ। ନିଶ୍ଚୁପ। କାରଣ କ'ଣ? ମୁଁ ହିସାବ ରଖିନି କେତେ ଦିନ ବିତିଗଲାଣି ଇତିମଧ୍ୟରେ। ତୁମର ଫୋନ୍‌ଟେ ବି ଆସିନି। ତୁମେ କ'ଣ ଏତେ ବ୍ୟସ୍ତ! ନା ପାସୋରି ଯାଇଛ ସବୁ ବିଗତ ସ୍ମୃତି ଓ ଆଗତ ସ୍ୱପ୍ନଗୁଡ଼ିକୁ।

: ଓଃ ବାବା! ତୁମେ ଟିକେ ଚୁପ୍ ହେଇ ବସ ତ। ଚା ପିଅ। ଫୁଲଗୁଡ଼ିକୁ ଦେଖ। ପ୍ରଜାପତିଙ୍କୁ ଦେଖ। ବାସ୍ତବିକ ଆମ ଚାରିକଡ଼େ ସେଇ ଫୁଲ ଅଗଣାରେ ଉଡ଼ି ବୁଲୁଥିଲେ ଅନେକ ପ୍ରଜାପତି।

: ଆଚ୍ଛା, ପ୍ରଜାପତିମାନଙ୍କୁ ତୁମେ ଦୁଷ୍ଟ କାହିଁକି କୁହ? ମୁଁ ପଚାରିଲି ତାକୁ।

: କାରଣ ସେମାନେ ଫୁଲଗୁଡ଼ିକ ଉପରେ ବସି ପର ମୁହୂର୍ତ୍ତରେ ଉଡ଼ି ଚାଲିଯାଆନ୍ତି । ତା'ର ଏଇ ଅର୍ଥପୂର୍ଣ୍ଣ ଲଜିକ୍ ଶୁଣି ମୁଁ କେବଳ ଚାହିଁଲି ତାକୁ। ସେ ମୋତେ ପଚାରିଲା: ଆଚ୍ଛା, ଫୁଲଗୁଡ଼ିକର ତ ନାଁ ଥାଏ– ମଲ୍ଲୀ, ଯୂଇ, ଜାଇ, ହେନା, ଗୋଲାପ, କେତେ କ'ଣ। ହେଲେ ପ୍ରଜାପତିମାନଙ୍କର କାହିଁକି ନାଁ ନ ଥାଏ ଯେ!

: ସତରେ ପ୍ରଜାପତିମାନଙ୍କର କାହିଁକି ନାଁ ନ ଥାଏ! ମୁଁ ବିସ୍ମିତ ହୋଇ ଚାହିଁଲି ତାକୁ। ଅବଶେଷରେ କହିଲି– ମୁଁ ଗୋଟେ ନାମହୀନ ପ୍ରଜାପତି ଓ ଠିକଣା ବିହୀନ। କିଛି ବି ଚିହ୍ନ ମୋର ରହିବନି ତୁମ ପାଖରେ। ଏଇଆ ନା!

ମୋ କଥା ସମ୍ଭବତଃ ତା' ଫୁଲ ହୃଦୟର କେଉଁ ଅତଳ ଅଭ୍ୟନ୍ତରକୁ ସ୍ପର୍ଶ କଲା। ସେ ଦ୍ରବିଭୂତ ହୋଇ ଯାଉଥିଲା। ଗୋଟେ ଅବ୍ୟକ୍ତ କମ୍ପନରେ ତା' ଓଠ ଥରିଉଠିଲା। ସେ କହିଲା : ନାଁରେ କ'ଣ ଅଛି। ତୁମର ସ୍ପର୍ଶ, ତୁମର ସାନ୍ନିଧ ହିଁ ମୋର ସ୍ୱର୍ଗ। ଏ କଥା କହିବାବେଳେ ତା' ନୀଳକଇଁ ଆଖିର ପାଖୁଡ଼ାରେ ଶିଶିରବିନ୍ଦୁ ପରି ଢଳ ଢଳ ହେଉଥିଲା ଦୁଇ ଟୋପା ଲୁହ।

– ଦିଗ୍‌ବଳୟ, ଲେଣ୍ଡା, ବରପାଲି, ବରଗଡ଼
ମୋ: ୯୪୩୯୦୪୦୯୩୭



# ସାହା ହେବେ ମୋତେ ମା ମଙ୍ଗଳା



ବାଣୀ



ତୁଷାର ଏବଂ ସିମ୍ରନ

ଅନ୍ୟତମ ଲୋକପ୍ରିୟ ଚ୍ୟାନେଲ ଜୀ ସାର୍ଥକର ନୂଆ ଚଳଚ୍ଚିତ୍ର 'ସାହା ହେବେ ମୋତେ ମା ମଙ୍ଗଳା'ର ୱାର୍ଲଡ ଟିଭି ପ୍ରିମିୟର ଆଜି ସନ୍ଧ୍ୟା ୬.୩୦ରେ ହେବ। ଫିଲ୍ମଟିକୁ ପ୍ରଯୋଜନା କରିଛନ୍ତି କ୍ଷୀରୋଦ ପଟ୍ଟନାୟକ। ନିର୍ଦ୍ଦେଶନା ଦେଇଛନ୍ତି ଅଜୟ ସିଂ। ଏହାର କାହାଣୀରେ ଭକ୍ତିର ଶକ୍ତିକୁ ଦର୍ଶାଯାଇଛି। ଭକ୍ତି ଯଦି ଦୃଢ଼ ରହେ ତେବେ ତାହା କିପରି ଆମ ଜୀବନକୁ ବିପଦରୁ ରକ୍ଷା କରେ ତାହା ଏଥିରେ ଦେଖିବାକୁ ମିଳିବ। ଉକ୍ତ ଚିତ୍ରର କାହାଣୀ ରଚନା କରିଛନ୍ତି ପ୍ରିୟବ୍ରତ ପଣ୍ଡା। ତୁଷାର ଏବଂ ସିମ୍ରନଙ୍କୁ ଏହାର ମୁଖ୍ୟ ଭୂମିକାରେ ଦେଖିବାକୁ ମିଳିବ। ଗୌରୀ ନାମକ ଏକ ଝିଅର ବିବାହ ଓ ତାର ପରବର୍ତ୍ତୀ ରୋମାଞ୍ଚ ଘଟଣା ଉପରେ ଏହାକୁ ନିର୍ମାଣ କରାଯାଇଛି। କାହାଣୀ ଅନୁସାରେ ମା' ମଙ୍ଗଳାଙ୍କ ଆଶୀର୍ବାଦପ୍ରାପ୍ତ ଏକ ସରଳ ଗ୍ରାମୀଣ ଝିଅ ଗୌରୀର ଆକସ୍ମିକ ଭାବେ ସୁପରଷ୍ଟାର ରାଜକୁମାର ଚୌଧୁରୀ ସହ ମିଛ ବିବାହ ହୋଇଯାଏ। ଏହାପରେ ଗୌରୀଙ୍କ ସାଦାସିଦା ଜୀବନରେ ଆସେ ବହୁତ କିଛି ପରିବର୍ତ୍ତନ। କାରଣ ଗୌରୀ ଏହି ବିବାହକୁ ସତ ବୋଲି ବିଶ୍ୱାସ କରିଛନ୍ତି। ପରିସ୍ଥିତିର ବାଧ୍ୟବାଧକତା ପାଇଁ ରାଜଙ୍କ ପରିବାର ଗୌରୀଙ୍କୁ ତାଙ୍କ ସ୍ତ୍ରୀ ଭାବରେ ଗ୍ରହଣ କରନ୍ତି। ଅନ୍ୟପଟେ ଈର୍ଷାଳୁ ଅଙ୍କିତା, ଯିଏକି ରାଜଙ୍କୁ ଭଲ ପାଆନ୍ତି ତାଙ୍କୁ ପାଇବା ପାଇଁ ବ୍ୟାକୁଳ ହୋଇ କଳା ଯାଦୁ ଆଡକୁ ମୁହାଁଇଥାଏ, ରାଜକୁ ରହସ୍ୟମୟ ଭାବରେ ଆଘାତ ଦେଇଚାଲନ୍ତି । ଆଉ ତା'ପରେ କ'ଣ ଘଟୁଛି ତାହା ସିନେମାରେ ଦେଖିପାରିବେ। ଡା. ନିର୍ମଳ ନାୟକଙ୍କ ରଚିତ ଏବଂ ପ୍ରଶାନ୍ତ ପାଢ଼ୀଙ୍କ ସ୍ୱର ସଂଯୋଜିତ ଗୀତଗୁଡିକ ପାଇଁ କଣ୍ଠଦାନ କରିଛନ୍ତି ଅନ୍ତରା ଚକ୍ରବର୍ତ୍ତୀ ଓ ସତ୍ୟଜିତ।

## ଅପେକ୍ଷା କରିଛନ୍ତି ବାଣୀ

ବାଣୀ କପୁର ଗୋଟିଏ କଥାକୁ ବେଶ୍ ଉତ୍ସୁକତାର ସହ ଅପେକ୍ଷା କରିଛନ୍ତି। ତାହା କ'ଣ ଜାଣନ୍ତି ? ସେ ଅଭିନୟ କରିଥିବା ନୂଆ ସିନେମା 'ବଦ୍‌ମିଜ୍ ଗିଲ୍' ରିଲିଜ ଅପେକ୍ଷାରେ ରହିଛି। ହେଲେ ଏହା କେବେ ପରଦା ଉପରକୁ ଆସିବ ତାହା ଫାଇନାଲ ହୋଇ ପାରୁନାହିଁ। ତେଣୁ ଏବେ ବାଣୀ ଟିକେ ଟେନସନ୍‌ରେ ଅଛନ୍ତି। ତେବେ ଏହାକୁ ନେଇ ସେ କ'ଣ କହୁଛନ୍ତି ଜାଣିବେନି ? ଏ ନେଇ ବାଣୀ କହନ୍ତି, ''ଫିଲ୍ମଟି ରିଲିଜ ହେବ ବୋଲି ଦୁଇ ଥର ଡେଟ୍ ଘୋଷଣା ହେଲାଣି। ହେଲେ ପରେ କ୍ୟାନ୍‌ସେଲ ହେଉଛି। ଏହା ପଛରେ କି କାରଣ ରହିଛି ତାହା ମୁଁ ଜାଣିପାରୁନାହିଁ। ଏହାର ରିଲିଜକୁ ନେଇ ମୁଁ ଅଧିକ ଉତ୍ସୁକ ଏଇଥିପାଇଁ ରହୁଛି ଯେ, ଏଥିରେ ମୋ ଭୂମିକାଟି ଭଲ ଅଛି। ଆଉ ତାହା ଦର୍ଶକଙ୍କୁ ପ୍ରଭାବିତ କରିବ ବୋଲି ଆଶା ମଧ୍ୟ ରଖିଛି। କିନ୍ତୁ ଦୁର୍ଭାଗ୍ୟର କଥା ହେଲା ଫିଲ୍ମଟିର ଫାଇନାଲ ରିଲିଜ ଡେଟ୍ ଘୋଷଣା ହୋଇପାରୁନାହିଁ। ଆଶା ରଖିଛି ପ୍ରଯୋଜନା ସଂସ୍ଥା ଖୁବ୍ ଶୀଘ୍ର ଏହି ଶୁଭଦିନ ବିଷୟରେ ସୂଚନା ଦେବେ।'' ନବଜୋତ ଗୁଲାଟି ଏହାର ନିର୍ଦ୍ଦେଶନା ଦେଇଛନ୍ତି। ବାଣୀଙ୍କ ବ୍ୟତୀତ ଏଥିରେ ଅପରାଶକ୍ତି ଖୁରାନା, ପରେଶ ରାୱଲ, ଶିବା ଚଢ଼ା ଏବଂ ମୋନିକା ଚୌଧୁରୀ ପ୍ରମୁଖ ଅଭିନୟ କରିଛନ୍ତି। ତେବେ ଏହି ଫିଲ୍ମଟି କେବେ ରିଲିଜ ହେଉଛି ତାହା ଦେଖିବାକୁ ବାକି ରହିଲା।

## ଅପେକ୍ଷା ଆର ବର୍ଷକୁ

ନିକଟରେ ରିଲିଜ ହୋଇଥିବା ନୂଆ ହିନ୍ଦୀ ସିନେମା 'ଧୂରନ୍ଧର'ଚର୍ଚ୍ଚାର ପରିସରକୁ ଆସିଛି। କାରଣ ରିଲିଜ ହେବାର ମାତ୍ର କିଛିଦିନ ମଧ୍ୟରେ ଫିଲ୍ମଟି ପାଖାପାଖି ୨୬୦କୋଟି ଆୟ କରିବାରେ ସକ୍ଷମ ହୋଇଛି। ଏହାର ବଜେଟ୍ ଥିଲା ୧୪୦କୋଟି। ଖାସ୍ କଥା ହେଲା, ଏବେ ଏହାର ସିକ୍ୱେଲ ନିର୍ମାଣ କରାଯାଇ ତାକୁ ଆସନ୍ତାବର୍ଷ ମାର୍ଚ୍ଚ ମାସରେ ରିଲିଜ କରିବାକୁ ଯୋଜନା କରାଯାଇଛି। ଏକ କ୍ରାଇମ ଥ୍ରୀଲର କାହାଣୀକୁ ଆଧାର କରି ପ୍ରସ୍ତୁତ ହୋଇଛି 'ଧୂରନ୍ଧର'। ଏହାର ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି ରଣବୀର ସିଂ। ସଞ୍ଜୟ ଦତ୍ତ, ଅକ୍ଷୟ ଖାନ୍ନା, ଆର.ମାଧବନ, ଅର୍ଜୁନ ରାମପାଲ, ସାରା ଅର୍ଜୁନ ଏବଂ ରାକେଶ ବେଦୀ ବିଭିନ୍ନ ଭୂମିକାରେ ଅଭିନୟ କରିଛନ୍ତି। ଆଦିତ୍ୟ ଧର ଏହାର କାହାଣୀ ରଚନା କରିବା ସହ ନିର୍ଦ୍ଦେଶନା ଦାୟିତ୍ୱ ତୁଲାଇଛନ୍ତି। ଫିଲ୍ମ ବିଷୟରେ ରଣବୀର କହନ୍ତି, ''ଏହା ଏଭଳି ଏକ କ୍ରାଇମ ଥ୍ରୀଲର୍ ଯେ, ଦର୍ଶକଙ୍କ ମନକୁ ନିଶ୍ଚୟ ଛୁଇଁବ ବୋଲି ମୋର ଦୃଢ଼ ବିଶ୍ୱାସ ଥିଲା। ଯାହାହେଉ ମୋର ଅନୁମାନ ସତ ହୋଇଛି। ମୋ ଭୂମିକାକୁ ଶତପ୍ରତିଶତ ଜଷ୍ଟିସ ଦେବାକୁ ମୋତେ ବି ବେଶ୍ ପରିଶ୍ରମ କରିବାକୁ ପଡିଥିଲା। ମୋ ବ୍ୟତୀତ ଅନ୍ୟ କଳାକାରମାନେ ମଧ୍ୟ ସେମାନଙ୍କର ଦ ବେଷ୍ଟ ଦେଇଛନ୍ତି। ତେଣୁ ଫିଲ୍ମଟି ଦର୍ଶକାଦୃତ ହୋଇପାରିଛି। ସବୁଠାରୁ ଖୁସିର କଥା ହେଲା ଆଦିତ୍ୟଜୀ ଏହାର ସିକୁଏଲ ନିର୍ମାଣ କରିବାକୁ ଯାଉଛନ୍ତି।'' ତେବେ 'ଧୂରନ୍ଧରର ସିକ୍ୱେଲରେ କ'ଣ ମସଲା ରହିବ ତାହା ରିଲିଜ ପରେ ହିଁ ଜଣାପଡିବ।



ରଣବୀର ସିଂ-ସାରାଅର୍ଜୁନ

## ସାରାଙ୍କ ନୀରବତା



ସାରା

ସାରା ଅଲ୍ଲୀ ଖାଁ ଏବେ ନୀରବତା ଅବଲମ୍ବନ କରୁଛନ୍ତି। କଥା କ'ଣ କି ତାଙ୍କୁ ଏବେ ଏକ ନୂଆ ଅଫର୍ ମିଳିଛି। ପୁଣି ସେଥିରେ ଡବଲ ରୋଲ୍। ହେଲେ ଅସଲ କଥା ହେଲା ଏହି ଫିଲ୍ମ ପାଇଁ ସେ ନିଜ ପାରିଶ୍ରମିକ ବୃଦ୍ଧି କରିଛନ୍ତି ବୋଲି ଶୁଣିବାକୁ ମିଳୁଛି। ହେଲେ ଏଭଳି କଥା ପଛରେ ଟିକିଏ ହେଲେ ସତ୍ୟତା ନାହିଁ ବୋଲି ସଫେଇ ଦେଇଛନ୍ତି ସୈଫ ତନୟା। ଏ ବିଷୟରେ ସାରା କହନ୍ତି, ''ନିକଟରେ ମୋତେ ଯେଉଁ ନୂଆ ଅଫରଟି ମିଳିଛି ତାହା ପାଇଁ ମୁଁ ଅଧିକ ରେମ୍ୟୁନରେଶନ ନେବା କଥା ଯାହା ଶୁଣିବାକୁ ମିଳୁଛି ତାହା ମିଛ। ପ୍ରଯୋଜକ ମୋତେ ଆଶାନୁରୂପ ପାରିଶ୍ରମିକ ଦେବେ ବୋଲି କହିଛନ୍ତି। ଏହାର ଅର୍ଥ ନୁହେଁ ଯେ, ମୁଁ ମୋ ପାରିଶ୍ରମିକ ବଢ଼ାଇ ଦେଇଛି। ଏଥିରେ ମୋତେ ଡବଲ ରୋଲ ମିଳିଛି। ତେଣୁ ତାହାକୁ ତୁଲାଇବାକୁ ମୁଁ ଏବେଠାରୁ ପ୍ରସ୍ତୁତି ଆରମ୍ଭ କରିଦେଇଛି। କେବଳ ମୋ ପାରିଶ୍ରମିକକୁ ନେଇ ଉଠିଥିବା କଥା ଶୁଣିବା ପରେ ମୁଁ ନେଇ ସଫେଇ ଦେବାକୁ ବାଧ୍ୟ ହେଲି।'' ପିଲାଦିନେ ସାରା ଭାରି ଦୁଷ୍ଟ ଥିଲେ। ଏକଦା ସେ ନିଜ କ୍ଲାସ ରୁମ୍‌ରେ ଥିବା ଫ୍ୟାନ୍ ଉପରେ ଫେବିକଲ ଫୋପାଡି ଶିକ୍ଷକଙ୍କଠାରୁ ଗାଳି ଶୁଣିଥିଲେ।

## ଟିପ୍ସ ବାଣ୍ଟୁଛନ୍ତି ଜ୍ୟାକଲିନ୍

ଜ୍ୟାକଲିନ୍ ଫର୍ନାଣ୍ଡିସ ଏବେ ଟିପ୍ସ ବାଣ୍ଟିବାରେ ବ୍ୟସ୍ତ। ହେଲେ ସେ କେଉଁ ଟିପ୍ସ ବାଣ୍ଟୁଛନ୍ତି ଜାଣିବେନି ? କିପରି ନିଜକୁ ଫିଟ୍ ରଖିବେ ସେ ତାଙ୍କର ସାଙ୍ଗମାନଙ୍କୁ ବୁଝାଉଛନ୍ତି, ତା'ସହ ନିୟମିତ ଯୋଗ କରିବାକୁ ମଧ୍ୟ ପରାମର୍ଶ ଦେଉଛନ୍ତି। ଏ ବିଷୟରେ ସେ କହନ୍ତି, ''ଆଜି ଯଦି ମୁଁ ଫିଟ୍ ଅଛି, ସେଥିପାଇଁ ଯୋଗ ଅନେକାଂଶରେ ଦାୟୀ। ଏବେ ମୋ ସାଙ୍ଗମାନଙ୍କୁ ଏ ବିଷୟରେ ଟିପ୍ସ ଦେଉଛି। ଯଦି ସେମାନେ ଏହାକୁ ଠିକ୍ ଭାବରେ ଉପଯୋଗ କରିବେ ତେବେ ମୋ ପରି ଫିଟ୍ ଆଣ୍ଡ ଫାଇନ୍ ରହିପାରିବେ।'' ମାସ୍ ମିଡିଆରେ ଡିଗ୍ରୀ ହାସଲ କରିବା ପରେ ଜ୍ୟାକଲିନ୍ ପ୍ରଥମେ ଏକ ଟିଭି ଚ୍ୟାନେଲରେ ରିପୋର୍ଟର ଭାବରେ କିଛିଦିନ କାମ କରିଥିଲେ। ୨୦୦୬ରେ ସେ ଶ୍ରୀଲଙ୍କା ସୁନ୍ଦରୀ ଟାଇଟଲ ବିଜୟିନୀ ହୋଇଥିଲେ। ଆଉ ଏକ କଥା ଜାଣନ୍ତି ? ସେ ସବୁବେଳେ ନିଜ ମନ ପସନ୍ଦର ଖାଦ୍ୟ ଖାଇବାକୁ ଭଲ ପାଆନ୍ତି। ଏବେ କଲମ୍ବୋରେ 'କାଇମାସୂତ୍ର' ନାମରେ ତାଙ୍କର ଏକ ରେଷ୍ଟୁରାଣ୍ଟ ଅଛି। ଯେଉଁଠି ଶ୍ରୀଲଙ୍କାର ପାରମ୍ପରିକ ଖାଦ୍ୟ ମିଳିଥାଏ। ଆଉ ଏକ ଖାସ୍ କଥା ଜାଣନ୍ତି ? ମୁମ୍ବାଇରେ ଜ୍ୟାକଲିନ୍‌ଙ୍କର ଏକ ଆପାର୍ଟମେଣ୍ଟ ଅଛି। ଯାହାର କାନ୍ଥରେ ସଲମାନ ଖାନ ଆଙ୍କିଥିବା ଏକ ଘୋଡାର ଚିତ୍ର ଟଙ୍ଗା ଯାଇଛି।



ଜ୍ୟାକଲିନ୍

## ଅଧା ରହିଗଲା ଆଶା

ୟାମି ଗୌତମଙ୍କର ଦୁଇଟି ବଡ଼ ଆଶା ଅଧା ରହିଯାଇଛି। ପାଠ ପଢ଼ିବା ସମୟରେ ସେ ଜଣେ ଆଇଏଏସ ଅଫିସର ହେବାକୁ ଆଶା ରଖିଥିଲେ। କିନ୍ତୁ ତାହା ଅପୂରଣ ହୋଇ ରହିଗଲା। କେବଳ ସେତିକି ନୁହେଁ, ଆଉ ଏକ ଆଶା ମଧ୍ୟ ତାଙ୍କର ଅଧା ରହିଗଲା। ସେ ଏଲଏଲବି ମଧ୍ୟ କରୁଥିଲେ। ହେଲେ ସେଥିରେ ବି ଡୋରି ବାନ୍ଧିବାକୁ ପଡିଥିଲା। ଏ ନେଇ ୟାମି କହନ୍ତି,''ଯେତେବେଳେ ମୁଁ ଏଲଏଲବି କରୁଥିଲି ମୋତେ ଫିଲ୍ମରେ ଅଭିନୟ କରିବାକୁ ଅଫର ମିଳିଥିଲା। ଏହି ସମୟରେ ମୁଁ କ'ଣ ନିଷ୍ପତ୍ତି ନେବି ଜାଣିପାରି ନ ଥିଲି। କିନ୍ତୁ କିଛିଦିନ ଥଣ୍ଡା ମନରେ ଚିନ୍ତା କରିବା ପରେ ଆଇନ୍ ପଢାକୁ ଅଧାରୁ ବନ୍ଦ କଲି। ପ୍ରଥମେ ଜଣେ ଆଇଏଏସ ଅଫିସର୍ ଓ ତା'ପରେ ଓକିଲ ହେବାର ସ୍ୱପ୍ନ ବି ମୋର ଅଧା ରହିଗଲା। ହେଲେ ରିଲ୍ ଲାଇଫରେ ମୋତେ 'ବତୀ ଗୁଲ୍ ମିଟର୍ ଚାଲୁ'ରେ ଓକିଲ ଭୂମିକା ମିଳିଥିଲା। ଏବେ ଏସବୁ କଥା ମନେ ପଡିଲେ କେବଳ ମନ ଦୁଃଖ କରିବା ସାର।'' ୟାମି ଚା' ପିଇବାକୁ ବେଶୀ ଭଲ ପାଆନ୍ତି। ଏପରିକି ଯେତେବେଳେ ସେ ଶୁଟିଂ ପାଇଁ ଯାଆନ୍ତି ସାଙ୍ଗରେ ଚା' ପ୍ରସ୍ତୁତ କରିବାକୁ ଆବଶ୍ୟକ ସାମଗ୍ରୀ ନେଇଯାଆନ୍ତି। ଆପଣମାନେ ଜାଣନ୍ତି କି, ୟାମିଙ୍କ ଭଉଣୀ ସୁରଲି ଗୌତମ ମଧ୍ୟ ଜଣେ ଅଭିନେତ୍ରୀ। ଏବେ ସେ ପଞ୍ଜାବୀ ଫିଲ୍ମରେ ଅଭିନୟ ଜାରି ରଖିଛନ୍ତି। କେବଳ ସେତିକି ନୁହେଁ, ତାଙ୍କର ବାପା ମୁକେଶ ଗୌତମ ମଧ୍ୟ ଜଣେ ନିର୍ଦ୍ଦେଶକ।



ୟାମି

ପ୍ରଥମ ରୋଜଗାର



ଲେଖିକା କ୍ଷେତ୍ରବାସିନୀ ତ୍ରିପାଠୀ ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...

# ବୋଉକୁ କାନଫୁଲ କିଣି ଦେଇଥିଲି..

ଦିନ ଯାଏ ଚିହ୍ନ ରହେ। ନନା କଲିକତାରେ ଗୋଟେ କମ୍ପାନୀରେ ଚାକିରୀ କରୁଥାଆନ୍ତି। ସେତେବେଳେ କମ୍ ଟଙ୍କା ଦରମା। ଆମେ ଦୁଇଭଉଣୀ, ବୋଉ ଆଉ ଆଈ ଘରେ। ଧାନ ଯାହା ହୁଏ କୌଣସି ମତେ ଦୁଃଖେ ସୁଖେ ପ୍ରାୟ ଆଠ ମାସ ଚଳି ହୋଇଯାଏ। ଆମ ଦିଜଣଙ୍କ ପଢା ଖର୍ଚ୍ଚ ଦେଇ ହୁଏନି। ଅଜାଙ୍କର କରଜ ଥିଲା। କରଜ ସୁଝୁସୁଝୁ ନନାଙ୍କର ପଇସା ଅଣ୍ଟେନି। ଲାଗ୍ ଲାଗ୍ ଦୁଇବର୍ଷ ବନ୍ୟାରେ ଧାନବିଲ ଧୋଇ ହେଇଗଲା। ଆମକୁ ଚଳେଇଲା ବେଳକୁ କରଜ ସୁଧମୂଳ ବଳେଇଲା। ପ୍ରାୟ ରାତିରେ ଚୁଡ଼ା କି ମୁଢ଼ି ମୁଠେ ଖାଇ ଶୋଇବାକୁ ପଡେ। ବୋଉର ଚିରା ଲୁଗା ସାତସିଆଁ ହେଲା। ଗୋଟେ ଗୋଟେ ଡ୍ରେସରେ ଆମେ ଚଳିଲୁ।

ହଠାତ୍ ଦିନେ ଡାକବାଲା ଚିଠିଟେ ଦେଲା। ନନା ଦି ଧାଡ଼ି ଲେଖିଥିଲେ ବୋଉକୁ। ମତେ ବସନ୍ତ ରୋଗ ହେଇଛି। ହସ୍ପିଟାଲରେ ଅଛି, ଭାରି କଷ୍ଟ ହେଉଛି। ବଞ୍ଚିବି କି ନାହିଁ ଜାଣେନା। ପିଲା ଦିଜଣ ତତେ ଲାଗିଲେ। ମୁଁ ସେତେବେଳେ ପଞ୍ଚମ ଶ୍ରେଣୀରେ ପଢୁଥିଲି। ଦେଖିଛି ଆଈ ଢୋ ଢୋ ମୁଣ୍ଡ ବାଡ଼େଇ ଚେତା ହରେଇଲା। ମୁଣ୍ଡରୁ ରକ୍ତ ଧାର ଛୁଟୁଥାଏ। ବୋଉ ଦେବୀ ପରି ନିଶ୍ଚଳ। କିଛି ସମୟ ପରେ ବୋଉ କାନରେ ପିନ୍ଧିଥିବା ସୁନାଫୁଲ ହଳକ ଟାଣି ଟାଣି ବାହାର କରି ଏକମୁହା ଦଉଡିଲା। ଧନୀ ବୋଲାଉଥିବା ଗାଁର ଜଣେ ଟାଉଟର ପାଖରେ ବିକି ଦେଇ ଚାରିଶହ ଟଙ୍କା ଆଣିଲା ଓ ଦୋକାନରୁ ଚାଉଳ, କିଛି ଅଟା କିଣି ଆଣିଲା। ତା' ପରଦିନ ବୋଉ ରାତିରେ ଉଠି କୋଇଠିକି ଗଲା ଯେ ଆମେ ଖୋଜି ଖୋଜି ପାଇଲୁନି। ସନ୍ଧ୍ୟା ବେଳକୁ ଜଣେ ଆସି କହିଲେ ଯେ, ତୁମ ବୋଉ ନାଟେଶ୍ୱରଙ୍କ ମନ୍ଦିର ବାହାରେ ତ୍ରାହି ପଡ଼ିଛି। ଏକୋଇଶି ଦିନ ପରେ ନନାଙ୍କ ଚିଠି ପୁଣି ଆସିଲା ଓ ତିନିଶହ ଟଙ୍କା ବି। ସେତେବେଳକୁ ନନା ଟିକେ ଭଲ ହେଇ ସାରିଥିଲେ। ସେହି ଛୁଆବେଳୁ ମନରେ ସଂକଳ୍ପ କରି ନେଇଥିଲି ଯେ, ମୁଁ ରୋଜଗାର କରି ବାପାଙ୍କ ପାଖରେ ଆର୍ଥିକ ବଳ ହୋଇ ଠିଆ ହେବି।

ମୁଁ ମାଟ୍ରିକ ପାସ୍ ପରେ ପୁରୀର ଗୋଟେ ଏନ୍‌ଜିଓରେ କାମ କଲି ସାତ ଶହ ଟଙ୍କା ମାସିକ ଚୁକ୍ତିରେ। କାମ ଆଉ ପାଠ ପଢ଼ା ଏକ ସଙ୍ଗରେ ଭାରି କଷ୍ଟ ହେଉଥାଏ। କାମ କରିବାର ଚାରିମାସ ପରେ ମତେ ଚଉଦଶହ ଟଙ୍କା ପାରିଶ୍ରମିକ ମିଳିଲା। ସେଦିନ ଖୁସିରେ ମୁଁ ରାତିରେ ଶୋଇ ପାରି ନଥିଲି। କେମିତି ବାଗରେ ପଇସା ଖର୍ଚ୍ଚ କରିବି ଭାବୁଥିଲି। ଅନେକ ଦିନ ଯାଏଁ ବୋଉର କାନ ମୁକୁଳା ଥିଲା। ସକାଳୁ ସକାଳୁ ପାଖ ବଜାରକୁ ଯାଇ ବୋଉ ଲାଗି କାନଫୁଲ ହଳେ କିଣି ଆଣିଲି। ବୋଉ ରାଗିଲା ମୋ ଉପରେ। ଅଛପର ଘରେ ପାଣି ଗଳୁଛି। ମହାଜନ ଦୁଆରେ ବସୁଛି ତୁ ପଇସା ନଷ୍ଟ କଲୁ କାହିଁକି କହି କାନ୍ଦିଲା। ମୁଁ କିନ୍ତୁ ଖୁସି ହେଉଥିଲି ବୋଉ କାନରେ ଛୋଟ ସୁନାଫୁଲ ଚିକ୍ ଚିକ୍ କରୁଥିବାର ଦେଖି।

# କ୍ଷଣିକ ରୁଷାକୁ ଲାଜୁଆ ହସ, ବଡ ଅଡୁଆ ପ୍ରେମର ଫାଶ

**ପ୍ରଶ୍ନ**–ଜଣେ ଝିଅ ମୋତେ ଦେଖିଲେ କେତେବେଳେ ହସି ଦେଉଛି ତ କେତେବେଳେ ରୁଷୁଛି। ତା'ର ଏହି ହସ ଆଉ ରୁଷା ଭିତରେ ପ୍ରେମ ଲୁଚି ରହିଛି କି ?

*–ଦିନେଶ, ଯାଜପୁର*

**ଉତ୍ତର:** ହସ ଆଉ ରୁଷା–ଏ ଦୁଇଟିକୁ ପ୍ରେମର ଗହଣା ଭାବରେ ନେଇ ପାରନ୍ତି। କାରଣ ବେଳେବେଳେ ପ୍ରେମକୁ ନେଇ ଆପଣଙ୍କ ମନ ଆକାଶରେ ଉଡି ବୁଲୁଥିବା ବେଳେ ଅନେକ ଅସମାଧିତ ପ୍ରଶ୍ନାବଳୀର ଉତ୍ତର ସେଥିରେ ହିଁ ନିହିତ ଥାଏ। 'କ୍ଷଣିକ ରୁଷାକୁ ଲାଜୁଆ ହସ, ବଡ ଅଡୁଆ ପ୍ରେମର ଫାଶ'। ତେଣୁ ସେହି ଲାଜୁଆ ହସ ଆଉ ରୁଷାକୁ ଥଣ୍ଡା ମିଜାସରେ ତର୍ଜମା କରନ୍ତୁ। ହୁଏତ ଆପଣ ଯାହା ଖୋଜୁଛନ୍ତି ତାହା ସେଥିରେ ହିଁ ଲୁଚି ରହିଥିବ।

**ପ୍ରଶ୍ନ**–ଜଣେ ଝିଅକୁ ମୁଁ ଅନେକ ଥର 'ଆଇ ଲଭ୍ ୟୁ' କହିସାରିଲାଣି। ସେ ମୋତେ କିଛି କହିବାକୁ ଚାହୁଁଛି, ହେଲେ କହିପାରୁ ନାହିଁ କାହିଁକି ?

*–ଅମନ ସାହୁ, ବ୍ରହ୍ମପୁର*

**ଉତ୍ତର:** ଜଣେ ସୁନ୍ଦରୀକୁ ଆପଣ ଅନେକ ଥର ଆଇ ଲଭ ୟୁ କହିସାରିଲେଣି। ହେଲେ କିଛି ଫଳ ମିଳୁନି। ପୁଣି ଉଲ୍ଲେଖ କରିଛନ୍ତି ଯେ ସେ ଆପଣଙ୍କୁ କିଛି କହିବାକୁ ଚାହୁଁଛି, ହେଲେ କହିପାରୁନି। ବେଳେବେଳେ ମନର କଥା ମନ ଭିତରେ ଥାଏ। ସମୟ ଆସିଲେ ତାହା ଆପେ ଆପେ ବାହାରି ଆସେ। ସେ ପର୍ଯ୍ୟନ୍ତ ଧୈର୍ଯ୍ୟର ସହ ଅପେକ୍ଷା କରିବାର ଅଛି। ଯଦି କେବେ ସେହି ସୁନ୍ଦରୀ ଆପଣଙ୍କୁ ଗ୍ରୀନ୍ ସିଗନାଲ୍ ଦେଖାନ୍ତି, ସେତେବେଳେ ଆଉ ସମୟର ଅପଚୟ ନ କରି ମନ ସହ ମନ ଯୋଡି ଦିଅନ୍ତୁ।

**ପ୍ରଶ୍ନ**–ଜଣେ ସୁନ୍ଦରୀ ମୋ ସହ ନଖରାମୀ କରୁଛି। ତାକୁ ପ୍ରେମ କରିବା ଠିକ୍ ହେବ କି ?

*–ପ୍ରୀତମ ଦାସ, ପୁରୀ*

**ଉତ୍ତର:** ଅନେକ ସମୟରେ ନଖରାମିରେ ହିଁ ପ୍ରେମର ଅସଲ ମଜା ଲୁଚି ରହିଥାଏ। କେତେକ ତାହାକୁ ଗମ୍ଭୀରତାର ସହ ଗ୍ରହଣ କରୁଥିବା ବେଳେ କେତେକ ତାହାକୁ ହାଲକା ଭାବରେ ନେଇଥାଆନ୍ତି। ଯେଉଁ ସୁନ୍ଦରୀ ଆପଣଙ୍କ ସହ ନଖରାମି କରୁଛି ସେହି ନଖରାମିରୁ ଆପଣଙ୍କ ପ୍ରେମ ମିଶନ ଆରମ୍ଭ କରିଦିଅନ୍ତୁ ନା ! ଉଭୟ ନଖରାମି ଏବଂ ପ୍ରେମର ମିଶ୍ରିତ ମଜା ରସଗୋଲା ପରି ମିଠା ଲାଗେ। ବାସ୍, ତାହାର ମଜା ନେବା ସହ ଆଗକୁ ପାଦ ବଢ଼ାନ୍ତୁ।

**ପ୍ରଶ୍ନ**–ଯାହାକୁ ପ୍ରେମ କରୁଥିଲି ତାକୁ ମୋ ସାଙ୍ଗ ବାହା ହୋଇଗଲା। ଏବେ ପୁଣି ଥରେ ମୁଁ ସେହି ପୂର୍ବ ପ୍ରେମିକା ପ୍ରେମରେ ପଡିଯାଇଛି। ମୁଁ ଏବେ କ'ଣ କରିବି ଜାଣିପାରୁନାହିଁ।

*–କେ.ଏସ., ଖୋର୍ଦ୍ଧା*

**ଉତ୍ତର:** ଯାହାକୁ ମନ ପ୍ରାଣ ଦେଇ ଭଲ ପାଉଥିଲେ ସେ ବର୍ତ୍ତମାନ ଆପଣଙ୍କ ବନ୍ଧୁର ଧର୍ମପତ୍ନୀ। ପୁଣି ଏପରି ସଂଯୋଗ ଯେ ଏବେ ପୁଣି ଥରେ ଆପଣ ତା' ପ୍ରେମରେ ପଡିଛନ୍ତି। ଯଦି ଆପଣ ବନ୍ଧୁଙ୍କ ପତ୍ନୀଙ୍କୁ ପ୍ରେମ କରି ଆଗକୁ ଆଗାନ୍ତି ତେବେ ତାହାର ପରିଣାମ କ'ଣ ହେବ କେବେ ଚିନ୍ତା କରିଛନ୍ତି ? ଯଦି ଆପଣଙ୍କ ପ୍ରେମିକାଙ୍କ ପତିଦେବ ଏକଥା ଜାଣିପାରନ୍ତି ତା'ହେଲେ ପରବର୍ତ୍ତୀ ସମୟରେ ଏହା ଏପରି ବିସ୍ଫୋରଣର ରୂପ ନେବ ଯାହାକୁ ସାମନା କରିବା ଆଦୌ ସହଜ ହେବ ନାହିଁ। ତେଣୁ ପୁଣି ଥରେ ସେ ଶୁପ୍ତ ଘା'କୁ ଉଖୁରେଇବାକୁ ଚେଷ୍ଟା ନ କରିବା ଭଲ। ଏଭଳି ଭାବନା ଆପଣଙ୍କ ମନରୁ ଯେତେ ଶୀଘ୍ର ପୋଛି ଦେବେ ଆପଣ ସେତେ ଶୀଘ୍ର ଟେନସନ୍ ଫ୍ରି ରହିବେ।



ସାଥୀ

# କଳା ମତେ ବାଟ ଦେଖାଇଛି





**ପି**ଲାଟି ଦିନରୁ ସେ ଛବିବହିର ଚିତ୍ରକୁ ନକଲକରି ଚିତ୍ର ଅଙ୍କନ କରୁଥିଲେ । ଯେବେ ବି ସମୟ ପାଉଥିଲେ ଏହିଥିରେ ହିଁ ଲାଗିପଡୁଥିଲେ । ଚିତ୍ର ଆଙ୍କିବା ସହ ମାଟିରେ ବିଭିନ୍ନ ଖେଳଣା ବି ତିଆରି କରୁଥିଲେ । ଏହାପରେ ସେ ବାଲିରେ ମଧ୍ୟ ବିଭିନ୍ନ କଳାକୃତି ଗଢ଼ିଲେ । କଳାପ୍ରତି ତାଙ୍କର ଏହି ଭଲ ପାଇବା ଆଜି ତାଙ୍କୁ ଜଣେ ଶିଳ୍ପୀର ପରିଚୟ ଦେଇଛି । ସେ ହେଲେ **ଅନିରୁଦ୍ଧ ମହାପାତ୍ର** । ଘର ପୁରୀ ଜିଲାର କଣାସ ବ୍ଲକ ଅନ୍ତର୍ଗତ ସୁଦାଗର ଗ୍ରାମରେ । ସେ କୁହନ୍ତି, 'ସ୍କୁଲ ବୟସରୁ ଚିତ୍ର ଅଙ୍କନ କରିବାକୁ ଖୁବ୍ ଭଲ ପାଉଥିଲି । ମାଟିରେ ବିଭିନ୍ନ ଖେଳଣା ତିଆରି କରିବା, ଚିତ୍ରକରିବା ପାଇଁ ସ୍ୱତଃପ୍ରବୃତ୍ତ ଭାବରେ ଇଚ୍ଛା ହେଉଥିଲା । ଘରର ଆର୍ଥିକ ପରିସ୍ଥିତି ଭଲ ନ ଥିଲା । ପିଲାଦିନେ ଖେଳଣାଟିଏ କିଣି ଆଣିବା ପାଇଁ କେହି ପଇସା ଦେଉ ନ ଥିଲେ । ମନ ବୁଝେଇବା ପାଇଁ ନିଜେ ମାଟିରେ ବିଭିନ୍ନ ଖେଳଣା ତିଆରି କରି ଖେଳୁଥିଲି । ଏସବୁ ଦେଖି ଘରେ ଓ ସାଇପଡିଶାରେ ବହୁତ ପ୍ରଶଂସା କରୁଥିଲେ । ଯାହା ମୋର ଆତ୍ମ ବିଶ୍ୱାସ ବଢାଇଥିଲା । ମୁଁ ଅଧିକରୁ ଅଧିକ ଏସବୁ କାମରେ ମନୋନିବେଶ କଲି । ଆଉ ଭବିଷ୍ୟତରେ କେମିତି ଜଣେ ଚିତ୍ରଶିଳ୍ପୀ ହେବି ସେଥିପାଇଁ ଲାଗିପଡ଼ିଲି । ଏସବୁ ଦେଖିବା ପରେ ବାପା ମୋତେ ଏହି ଦିଗରେ ଯିବା ପାଇଁ ଉତ୍ସାହିତ କରିଥିଲେ । ଦଶମ ଶ୍ରେଣୀ ପାସ୍ କରିବା ପରେ ପ୍ରଥମେ ରାଜ୍ୟ ହସ୍ତକଳା ତାଲିମ କେନ୍ଦ୍ରରେ ୨ବର୍ଷିଆ କୋର୍ଷ କଲି । ଏଠାରେ ଟେରାକୋଟା କାମ ଶିଖିଲି । ପରେ ଭୁବନେଶ୍ୱର ଧଉଳି ଆର୍ଟ କଲେଜରେ ଚିତ୍ରକଳା ଶିକ୍ଷା ପାଇଁ ନାମଲେଖାଇଲି । ଏଠାରେ ବ୍ୟାଚ୍‌ଲର ଅଫ୍ ଫାଇନ ଆର୍ଟ ଶିକ୍ଷା କଲି । ଏହି କଳାକୁ ଅଧିକ ନିଖୁଣ କରିବା ନିମନ୍ତେ ମହାପ୍ରଭୁଙ୍କର ଆଶୀର୍ବାଦରୁ ଭଦ୍ରାବତୀ, ଗୁଜରାଟର ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଡିଜାଇନ ଏବଂ ଭୁବନେଶ୍ୱରସ୍ଥ ହାଣ୍ଡିକ୍ରାଫ୍ଟ ଡେଭେଲମେଣ୍ଟ ଇନ୍‌ଷ୍ଟିଚ୍ୟୁଟ୍ ଏବଂ ଅନ୍ୟାନ୍ୟ ସ୍ଥାନରୁ ତାଲିମ ନେଲି । ଏବେ ନାଗପୁରର ଏକ କଳା ବିଶ୍ୱବିଦ୍ୟାଳୟରେ ସ୍ଥାପତ୍ୟ କଳାରେ ପି.ଜି. କରୁଛି । ଏସବୁ ପରେ ବି ମୁଁ ବାଲୁକା କଳାକୁ ଛାଡ଼ିନି । ଏବେ ବି ବିଭିନ୍ନ କଳାକୃତି ଗଢି ଚାଲିଛି । ପେଣ୍ଟିଂ ବି କରୁଛି । ମାଟିର ବିଭିନ୍ନ ପ୍ରତିମୂର୍ତ୍ତି ଗଢୁଛି । ମତେ ଯେଉଁ ଚିତ୍ର ଭଲ ଲାଗେ ମୁଁ ତା'ର କଟିଂ ସାଇତି ରଖେ ଓ ସେଭଳି ଆଙ୍କେ । ଆଜି ପର୍ଯ୍ୟନ୍ତ ମୋତେ ସୁନ୍ଦର ଦିଶୁଥିବା ବିଭିନ୍ନ ଜୀବଜନ୍ତୁ, ମଣିଷ, ପ୍ରତିଭାବାନ୍ ବ୍ୟକ୍ତିଙ୍କ ଚିତ୍ର ଆଦିକୁ ମିଶାଇ ପ୍ରାୟ ୩୦ହଜାରରୁ ଊର୍ଦ୍ଧ୍ୱ ସଂଗ୍ରହ କରି ରଖିଛି । ଏଥିରୁ ମୋତେ ଚିତ୍ର କରିବାରେ ବହୁତ ସାହାଯ୍ୟ କରେ । ଆଜି ଏହି ଚିତ୍ରକଳା କ୍ଷେତ୍ରରେ ମୋର ୨୫ବର୍ଷ ବିତିସାରିଲାଣି । ଭବିଷ୍ୟତରେ ଜଣେ ଭଲ ସ୍ଥପତି ହେବାର ଆଶା ରଖିଛି । ବିଭିନ୍ନ ହସ୍ତଶିଳ୍ପ ୱାର୍କଶପରେ ଯୋଗ ଦେବାସହ ବିଭିନ୍ନ ସ୍ଥାନରେ ଆୟୋଜିତ ଚିତ୍ରକଳା ପ୍ରଦର୍ଶନୀରେ ଭାଗନେଇଥାଏ । ଯାହା ମତେ ସବୁବେଳେ ନୂଆ ନୂଆ ଅନୁଭୂତି ଦେଇଥାଏ । ମୋ ସ୍ୱପ୍ନ ଏବେ ବାସ୍ତବ ହୋଇପାରିଛି । କଳାକୁ ପେସାକରି ନିଜ ଭବିଷ୍ୟତ ଗଢିବାରେ ମୋତେ ବାଟ ମିଳିପାରିଛି । ଓଡ଼ିଶା ବାହାରେ ମଧ୍ୟ ମୋର ଏହି କଳାଚାତୁରି ପ୍ରଦର୍ଶନ କରି ଅନେକ ପ୍ରଶଂସାପତ୍ର ପାଇଛି ।

–ବନବିହାରୀ





# ସ୍ୱାବଲମ୍ବୀ କରିଛି ଚାନ୍ଦୁଆ





**କ**ଳା କାରିଗରି ପ୍ରତି ତାଙ୍କର ଥିଲା ପିଲାଦିନରୁ ଦୁର୍ବଳତା । ବିଶେଷକରି ଚାନ୍ଦୁଆ ତିଆରି କରିବାକୁ ତାଙ୍କୁ ଭାରି ଭଲ ଲାଗୁଥିଲା । ବାପଘର ଗାଁରେ ସେ ଏହି କାମ ଶିଖିଥିଲେ । ହେଲେ ବିଧିବଦ୍ଧ ଭାବେ କରୁ ନ ଥିଲେ । ବିବାହ ପରେ ଶାଶୁଘର ପରିବାର ଚଳିବାରେ ଘୋର ଅଭାବ ଅସୁବିଧା ଦେଖାଦେଲା । କିପରି କିଛି ରୋଜଗାର କରି ପରିବାର ଚଳେଇବେ ଏହି ଚିନ୍ତା ତାଙ୍କୁ ଘାରୁଥିଲା । ସେ ହେଲେ **ବାସନ୍ତୀ ମୁଦୁଲି** । ସେ କୁହନ୍ତି, ୨୭ବର୍ଷ ତଳେ ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକ ଅନ୍ତର୍ଗତ କୋଦୁଅ ବେରେଣୀ ଗାଁକୁ ବୋହୂ ହୋଇ ଆସିଥିଲି । ଶାଶୁଘର ଆର୍ଥିକ ପରିସ୍ଥିତି ଭଲ ନ ଥିବାରୁ ବାପଘର ଗାଁରେ ଶିଖିଥିବା ଚାନ୍ଦୁଆ କାମକୁ ନେଇ ରୋଜଗାର କଥା ଚିନ୍ତାକଲି । ପ୍ରଥମେ ୫ଶହ ଟଙ୍କା ନିବେଶ କରି ମୁଁ ଏହି କାମ ଆରମ୍ଭ କଲି । ଛୋଟଛୋଟ ଚାନ୍ଦୁଆ ତିଆରି କରି ବିକ୍ରିକଲି । ଏଥିରୁ ମାସିକ ପ୍ରାୟ ୩ରୁ ୪ହଜାର ଟଙ୍କା ରୋଜଗାର ହେଲା । ସ୍ୱାବଲମ୍ବନଶୀଳ ହେବାରୁ ଅଧିକ ଆଗ୍ରହ ବଢିଲା । ପରେ ମୁଁ ପିପିଲି ଚାନ୍ଦୁଆ, ମନିପର୍ସ ଏବଂ କେତେକ ସୌଖୀନ ସାଜସଜ୍ଜା ସାମଗ୍ରୀ ମଧ୍ୟ ତିଆରି କଲି । ବିଶେଷକରି କପଡ଼ାରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚିତ୍ର, ଦୋଳ ଚାନ୍ଦୁଆ, କୁସନ କଭର, ଚାନ୍ଦୁଆ, ୱାଲ୍ ହ୍ୟାଙ୍ଗିଙ୍ଗ, ଦୋଳ ମଣ୍ଡଣୀ, ଛତି, ତ୍ରାସ, ମନିପର୍ସ ଇତ୍ୟାଦି ତିଆରି କରିଲି । ଏମିତିରେ ପ୍ରାୟ ୨୦ରୁ ୩୦ ପ୍ରକାରର ସାମଗ୍ରୀ ପ୍ରସ୍ତୁତ କରିଥାଏ । ମୁଁ ପ୍ରସ୍ତୁତ କରୁଥିବା ଗରାଖମାନେ ସୁଲଭ ମୂଲ୍ୟରେ ସୁନ୍ଦର ସୁନ୍ଦର ସାମଗ୍ରୀ କିଣିନେଲେ । ସେବେଠାରୁ ପଛକୁ ଫେରିନି । ଏବେ ବାର୍ଷିକ ପ୍ରାୟ ୧ଲକ୍ଷ ଟଙ୍କାରୁ ଅଧିକ ରୋଜଗାର ହୋଇପାରୁଛି ।' ଏବେ ଏହି କଳା ତାଙ୍କ ଜୀବିକା ଅର୍ଜନ କରିବାରେ ସହାୟକ ହୋଇପାରିଛି । ତାଙ୍କ ଗ୍ରାମରେ ପ୍ରାୟ ୪୦ରୁ ୫୦ଜଣ ମହିଳା ତାଙ୍କଠାରୁ ଏହି କାମ ଶିଖୁଛନ୍ତି । ସେମାନେ ବଳକା ସମୟରେ ଏହି ଚାନ୍ଦୁଆ ହସ୍ତଶିଳ୍ପରେ କିଛି ରୋଜଗାର କରିପାରୁଥିବାରୁ ବେଶ୍ ଖୁସି ଅଛନ୍ତି ।



## ହାଃ ହାଃ

### ସୀତା

ଗୋପାଳ ଜଣେ ବାବାଙ୍କୁ: ଆପଣ କେମିତି ଅଛନ୍ତି ?
ବାବା: ମୁଁ ତ ସାଧୁ, ମୋ 'ରାମ' ମତେ ଯେମିତି ରଖିଛନ୍ତି ମୁଁ ସେମିତି ଅଛି। ତମେ କେମିତି ଅଛ ପୁତ୍ର...।
ଗୋପାଳ: ବାବା ! ମୁଁ ତ ସାଂସାରିକ, ମତେ ମୋ 'ସୀତା' ଯେମିତି ରଖିଛନ୍ତି ମୁଁ ସେମିତି ଅଛି।

### ଦୃଷ୍ଟିଶକ୍ତି

ଶିକ୍ଷକ: ମଣିଷର ନା ପକ୍ଷୀର କାହାର ଦୃଷ୍ଟିଶକ୍ତି ତୀକ୍ଷ୍ଣ ?
ପପୁ: ସାର୍, ପକ୍ଷୀର।
ଶିକ୍ଷକ: କେମିତି ଜାଣିଲୁ ?
ପପୁ: କାହିଁକି ନା କୌଣସି ପକ୍ଷୀ କେବେ ଚଷମା ପିନ୍ଧିବାର ମୁଁ ଦେଖିନି।

### ଗିଫ୍ଟ

ଶ୍ରୀମତୀ ମାଳିନୀ: ଏ ଘରେ ଯିଏ ମୋର ସବୁ କଥା ମାନିବ ଓ ଓଲଟା ଜବାବ ଦେବ ନାହିଁ ତାକୁ ମୁଁ ଭଲ ଭଲ ଗିଫ୍ଟ ଦେବି।
ପିଲାମାନେ: ମାମା ଏଇଟା ଚିଟିଂ। ଏମିତି ସର୍ତ୍ତରେ ତ ବାପା ଜିତିଯିବେ ଓ ସବୁଗିଫ୍ଟ ତାଙ୍କୁ ହିଁ ମିଳିବ।

### ପବିତ୍ର

ବାପା ପୁଅକୁ: ସବୁଠୁ ପବିତ୍ର ଜିନିଷ କୋଉଟା ?
କିଛି ସମୟ ଭାବିବା ପରେ ପୁଅ: ବାପା, ମୋବାଇଲ୍।
ବାପା: କେମିତି ?
ପୁଅ: ହସ୍ପିଟାଲ, ଶ୍ମଶାନ, ବାଥ୍‌ରୁମ୍ ଭଳି ସ୍ଥାନକୁ ନେବାପରେ ବି ମୋବାଇଲକୁ ନ ଧୋଇ ପୁଣିଥରେ ରୋଷେଇ ଘର, ଠାକୁର ଘର, ମନ୍ଦିରକୁ ନିଆଯାଏ। ନୁହେଁ କି ମୋବାଇଲ ସବୁଠୁ ପବିତ୍ର।

### ଗ୍ରୁପ ଫଟୋ

ଶ୍ରେଣୀ ଶିକ୍ଷୟିତ୍ରୀ ଗ୍ରୁପ୍ ଫଟୋ ଦେଖାଇ ପିଲାଙ୍କୁ କହିଲେ: ବହୁତ ବର୍ଷ ପରେ ଯେବେ ତମେମାନେ ଏଇ ଫଟୋକୁ ଦେଖିବ, କହିବ–ଇଏ ହେଉଛି ସେଇ ରାଜୁ, ଯିଏ ଆମେରିକା ଚାଲିଯାଇଛି, ଇଏ ହେଉଛି ସେହି ପ୍ରକାଶ, ଯିଏ ଏବେ ଲଣ୍ଡନ ଚାଲିଯାଇଛି। ଆଉ ଇଏ ହେଉଛି ସେଇ ଗୋବିନ୍ଦ, ଯିଏକି ଏଇଠି ରହିଗଲା। ଦୋକାନ କରିଛି।
ଗୋବିନ୍ଦ: ଆଉ ମାଡାମ୍ ଆମେ ଆପଣଙ୍କ ଫଟୋକୁ ଦେଖି କହିବୁ, ଇଏ ହେଉଛନ୍ତି ସେଇ ମାଡାମ, ଯିଏକି ଏବେ ସ୍ୱର୍ଗକୁ ଚାଲି ଯାଇଛନ୍ତି।



# ବାରବାଟି ଦୁର୍ଗ

କଟକର ଐତିହାସିକ ବାରବାଟୀ ଦୁର୍ଗ। ପ୍ରାଚୀନ କଳିଙ୍ଗ – ଉତ୍କଳର ଗୌରବମୟ ଐତିହ୍ୟର ସ୍ମାରକୀ। ଓଡ଼ିଆ ଜାତିର ସଂସ୍କୃତି, ଇତିହାସର ମୂକସାକ୍ଷୀ। ଏହି ଦୁର୍ଗର ଦୁଇପଟେ କାଠଯୋଡ଼ି ଓ ମହାନଦୀ ବହିଯାଇଛି। ଇତିହାସରୁ ଜଣାପଡ଼େ ଗଙ୍ଗବଂଶର ନରପତି ତୃତୀୟ ଅନଙ୍ଗଭୀମ ଦେବ ୧୨୨୯ଖ୍ରୀଷ୍ଟାବ୍ଦରେ କଟକ ନଗରୀ ନିର୍ମାଣ କରିଥିଲେ। ଗଙ୍ଗବଂଶ ରାଜତ୍ୱ ପରେ ସୂର୍ଯ୍ୟବଂଶୀ ଗଜପତି ପ୍ରଥମ କପିଳେନ୍ଦ୍ର ଦେବ(୧୪୩୫–୧୪୬୭) ଏହି ଦୁର୍ଗରେ ଅବସ୍ଥାନ କରୁଥିଲେ। କପିଳେନ୍ଦ୍ର ଦେବଙ୍କ ପରେ ତାଙ୍କ ପୁତ୍ର ପୁରୁଷୋତ୍ତମ ଦେବ ୧୪୬୭–୧୪୯୭ ଏହି ଦୁର୍ଗରେ ରହୁଥିଲେ। ଏହା ପରେ ପ୍ରତାପରୁଦ୍ର ଦେବଙ୍କ ନିଧନ ପରେ, ତାଙ୍କ ପୁତ୍ରଙ୍କ ଅଯୋଗ୍ୟପଣ ଯୋଗୁ ତାଙ୍କର ପ୍ରଧାନମନ୍ତ୍ରୀ ଗୋବିନ୍ଦ ବିଦ୍ୟାଧର ଏହି ଦୁର୍ଗ ଅଧିକାର କରିଥିଲେ। ଐତିହାସିକ ଗବେଷକଙ୍କ ମତରେ ଗଜପତି ମୁକୁନ୍ଦ ଦେବ ୧୫୬୦ରେ ଏହି ଦୁର୍ଗ ଅଧିକାର କରିଥିଲେ । ଅନଙ୍ଗ ଭୀମଦେବ (ତୃତୀୟ)ଙ୍କ ଦ୍ୱାରା ନିର୍ମିତ ବାରବାଟୀ ରାଜଭବନ ଭଗ୍ନପ୍ରାୟ ଲକ୍ଷ୍ୟକରି ଗଜପତି ମୁକୁନ୍ଦ ଦେବଙ୍କ ଦ୍ୱାରା ନବତଳ ପ୍ରାସାଦ ନିର୍ମାଣ ହୋଇଥିଲା। ଯେଉଁଥିରେ– ୧ମରେ ହାତୀ ଓ ଘୋଡ଼ାଶାଳ, ୨ୟରେ ପଦାତିକ ବାହିନୀ, ପ୍ରହରୀ, ୩ୟ ଗ୍ରାମ୍ୟ ପ୍ରହରୀ ଓ ଦ୍ୱାରପାଳଙ୍କ ପାଇଁ, ୪ର୍ଥ ମହଲା କଳକାରଖାନା ପାଇଁ, ୫ମ ଥିଲା ରୋଷଶାଳା, ୬ରେ ଅଭ୍ୟର୍ଥନାକକ୍ଷ, ୭ମରେ ଘରୋଇଭବନ, ୮ମରେ ରାଣୀମହଲ, ୯ମରେ ଗଭର୍ନରଙ୍କ ଶୟନ ପ୍ରକୋଷ୍ଠ ଭାବରେ ବ୍ୟବହୃତ। ସୁଦୃଢ଼ ଜଳଖାଇ ପରିବେଷ୍ଟିତ ଅଞ୍ଚଳରେ ବାରବାଟୀ ଦୁର୍ଗକୁ ସୁଦୃଢ଼ ନିରାପତ୍ତା ଦୃଷ୍ଟିରୁ ନିର୍ମାଣ କରାଯାଇଥିଲା। ଏହି ପ୍ରାଚୀନ ଦୁର୍ଗର ଅଧିଷ୍ଠାତ୍ରୀ ଦେବୀ ମା' ଗଡ଼ଚଣ୍ଡୀ ଦୁର୍ଗରକ୍ଷକ ଥିଲେ । ଶତ୍ରୁଙ୍କ କବଳରୁ ଦୁର୍ଗକୁ ରକ୍ଷା କରିବାକୁ ଗଡ଼ଖାଇ ଖୋଳା ଯାଇଥିଲା। ପ୍ରାୟ ୧୨ ବାଟୀର ବିସ୍ତୃତ ଜମି ଉପରେ ଏହି ଦୁର୍ଗ ଅବସ୍ଥିତ। ଷ୍ଟର୍ଲିଂଙ୍କ ବର୍ଣ୍ଣନା ଅନୁଯାୟୀ ବାରବାଟୀ ଦୁର୍ଗଥିଲା ଆୟତାକାର କ୍ଷେତ୍ର ବିଶିଷ୍ଟ । ଏହାର ଦୈର୍ଘ୍ୟ ଥିଲା ୨୧୫୦ଫୁଟ୍ ଓ ପ୍ରସ୍ଥ୧୮୦୦ଫୁଟ୍ । ଏହାର କେନ୍ଦ୍ରସ୍ଥଳରେ ଏକ ବୃହତ ଟାୱାର (ଗମ୍ବୁଜ) ଥିଲା। ଏକ ପତାକାଦଣ୍ଡ ସଂଲଗ୍ନ ଥିଲା। ସେତେବେଳେ ମିଲିଟାରୀ କମାଣ୍ଡର ମୋହନ ସିଂଙ୍କ ନିର୍ଦ୍ଦେଶରେ ଏହି ସୁଉଚ୍ଚ ଦୁର୍ଗରେ ଟାୱାର ନିର୍ମାଣ ହୋଇଥିଲା। ଦୁର୍ଗକୁ ଘେରି ରହିଛି ଗଡ଼ଖାଇ, ଏହାର ଚଉଡ଼ା ପ୍ରାୟ ୧ଶହ ଫୁଟ୍ ଓ ଗଭୀରତା ୧୨ଫୁଟ୍ କରାଯାଇଥିଲା। ଦୁର୍ଗରେ ପ୍ରବେଶ ଦ୍ୱାରରେ ଚଉଡ଼ା ୯ଫୁଟ ୭ଇଞ୍ଚ, ଉଚ୍ଚତା ୧୬ଫୁଟ୍, ଗଡ଼ଖାଇଠାରୁ ୯୦ଫୁଟ୍ ଦୂରରେ ବାରବାଟୀ ଦୁର୍ଗର ପ୍ରାଚୀର କରାଯାଇଥିଲା। ଏହି ଦୁର୍ଗ ଭିତରେ ମଧ୍ୟ ଜଗନ୍ନାଥଙ୍କ ମନ୍ଦିର ଥିଲା। ପଶ୍ଚିମପଟେ ରାଣୀପୋଖରୀ, ମସଜିଦ୍ ଆଦି ଅନ୍ୟ କେତେକ କୀର୍ତ୍ତିରାଜି ରହିଥିଲା। ବାରବାଟୀ ଦୁର୍ଗର ନବତଳ ପ୍ରାସାଦର ସ୍ଥିତି ନେଇ ପରବର୍ତ୍ତୀ ସମୟରେ କେତେଜଣ ଐତିହାସିକ ଏବଂ ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥାର ପ୍ରତ୍ନତତ୍ତ୍ୱବିତ୍‌ମାନେ ଭିନ୍ନ ମତ ପୋଷଣ କରିଥାନ୍ତି। ପୁରାତନ ନଦୀ ସଭ୍ୟତାର ନଗରୀ କଟକ। ମହାନଦୀ ଓ କାଠଯୋଡ଼ି ନଦୀର ତ୍ରିକୋଣଭୂମିରେ ଥିବା ସମୃଦ୍ଧଶାଳୀ ଭୂଭାଗରେ ଏକ ନୂତନ ରାଜଧାନୀ ନିର୍ମାଣ ପାଇଁ ଚୋଡ଼ଗଙ୍ଗଦେବ ଚୌଦ୍ୱାର, କଟକଠାରେ ଥିବା ନିଜର ପୁରାତନ ରାଜଧାନୀ ଅଭିନବ ଯଯାତି ନଗରରୁ ଉଠାଇଆଣି ଅଭିନବ ବାରାଣସୀ (ବିଡ଼ାନାସୀ)କଟକଠାରେ ସ୍ଥାପନ କରିଥିଲେ। ଅନ୍ୟପକ୍ଷେ ବାରବାଟୀଦୁର୍ଗକୁ ସମୟକ୍ରମେ ୧୫୭୬ରୁ ୧୭୦୭ ମୋଗଲ, ପରେ ମରହଟ୍ଟାମାନେ ଅଧିକାର କରିଥିଲେ। ୧୮୦୩ ମସିହାରେଏହି ଦୁର୍ଗକୁ ଇଂରେଜମାନେ ଅକ୍ତିଆର କରି ସେମାନଙ୍କ ଶାସନକାର୍ଯ୍ୟକୁ ଏହିଠାରୁ ନିୟନ୍ତ୍ରଣ କରୁଥିଲେ। ସେମାନେ ଏହି ଦୁର୍ଗକୁ ବନ୍ଦୀଶାଳାଭାବରେ ବ୍ୟବହାର କରୁଥିଲେ। ଏଠାରେ ଜୟୀ ରାଜଗୁରୁ, ବକ୍ସି ଜଗବନ୍ଧୁ ଆଦି ଏକାଧିକ ବୀରପୁରୁଷଙ୍କୁ ବନ୍ଦୀ କରି ରଖିଥିଲେ। ୧୯୧୫ରେ ଇଂରେଜ ସରକାର ଏହାକୁ ସଂରକ୍ଷିତ କୀର୍ତ୍ତିରାଜି ବୋଲି ଘୋଷଣା କରଥିଲେ। ମାତ୍ର ଏଏସ୍‌ଆଇର ପ୍ରତ୍ନତାତ୍ତ୍ୱିକ ବିଭାଗ ଦ୍ୱାରା ଏହି ଗଡ଼ଦୁର୍ଗ ଖନନବେଳେ ଗଜପତି ମୁକୁନ୍ଦ ଦେବଙ୍କ ଦ୍ୱାରା ନିର୍ମିତ ନବତଳ ପ୍ରାସାଦର ଭଗ୍ନାବଶେଷ,ଗଙ୍ଗବଂଶର ମନ୍ଦିର, ଭିତ୍ତିଗୃହ, ବିପୁଳ ପରିମାଣର ପ୍ରସ୍ତର ଖୋଦିତ କାରୁକାର୍ଯ୍ୟ, ମୋଗଲ ସମ୍ରାଟ ଶାହଜାହାନଙ୍କ ରୌପ୍ୟମୁଦ୍ରା, ତୋପରେ ବ୍ୟବହୃତ ଗୋଳା, ବିଭିନ୍ନ କମନୀୟ ବିଗ୍ରହ ପଥର ଖଣ୍ଡମାନ ଆବିଷ୍କୃତ ହୋଇଥିଲା। ଏହି ଦୁର୍ଗର ଭୂ–ଗର୍ଭର ପ୍ରାୟ ୧୦ଫୁଟ୍ ମାଟିତଳୁ ହାତୀର ହାଡ଼କଙ୍କାଳ ଆବିଷ୍କୃତ ହୋଇଥିଲା। ଯାହା ୪ଶ /୫ଶ ବର୍ଷ ତଳର ବୋଲି ପୂର୍ବାନୁମାନ କରାଯାଇଛି। ଏହା ମଧ୍ୟଯୁଗୀୟ ସମୟର ବୋଲି ଅନୁମାନ କରାଯାଏ। ଇତିହାସକାରଙ୍କ ମତରେ କାଳକ୍ରମେ ବାରବାଟୀ ଦୁର୍ଗ ଉଇହୁଙ୍କାରେ ପୋତି ହୋଇପଡ଼ିଥିଲା। ଘଞ୍ଚ ଜଙ୍ଗଲ ପରିବେଷ୍ଟିତ ଦୁର୍ଗପରିସରରୁ ଗଡ଼ଚଣ୍ଡୀଙ୍କୁ ଅଣାଯାଇ ମନ୍ଦିରରେ ପ୍ରତିଷ୍ଠା କରାଯାଇଥିଲା। ଏହି ଦୁର୍ଗଥିଲା ନରପତିମାନଙ୍କର ଦୁର୍ଗ, ରାଜଧାନୀ ଏବଂ ସୈନ୍ୟବାହିନୀର ଦପ୍ତର। ସେତେବେଳେ ଗଙ୍ଗବଂଶ, ସୂର୍ଯ୍ୟବଂଶୀ ନରପତିମାନଙ୍କ ସୁଶାସନ ସମୟରେ ବାରବାଟୀ ଦୁର୍ଗ ସମୃଦ୍ଧ, ଶୌର୍ଯ୍ୟ ଓ ସୌନ୍ଦର୍ଯ୍ୟ ଶିଖରରେ ପହଞ୍ଚିଥିଲା। ଏହି ଗଡ଼ ଦୁର୍ଗ ସମ୍ପର୍କରେ ଅଧିକ ଗବେଷଣାର ଆବଶ୍ୟକତା ରହିଛି।

– କାର୍ତ୍ତିକ ସାହୁ





# ପାହାଡ଼ି ଗାଁ ମୁକ୍ତେଶ୍ୱର



**ଉତ୍ତରାଖଣ୍ଡର ନୈନିତାଲ ଜିଲା ଅନ୍ତର୍ଗତ ଏକ ପାହାଡ଼ି ଗାଁ ହେଉଛି ମୁକ୍ତେଶ୍ୱର। ପାହାଡ଼, ଝରଣାର ଅପୂର୍ବ ଦୃଶ୍ୟ ସାଙ୍ଗକୁ ପର୍ଯ୍ୟଟକ ଏଠାରେ ପବିତ୍ର ମୁକ୍ତେଶ୍ୱର ଧାମ ବୁଲିବା ସହ ଟ୍ରେକିଂ, ପାରାଗ୍ଲିଡିଙ୍ଗ୍, ରକ୍ କ୍ଲାଇମ୍ବିଂ, ରାପେଲିଂ ଆଦି ଦୁଃସାହସିକ କ୍ରୀଡ଼ାର ଭରପୂର ଆନନ୍ଦ ନେଇପାରିବେ...**


ମୁକ୍ତେଶ୍ୱର ହେଉଛି ଏକ ପାହାଡ଼ି ଗାଁ ; ଯାହାକି ଉତ୍ତରାଖଣ୍ଡର ନୈନିତାଲ ଜିଲାରେ ଅବସ୍ଥିତ। ସମୁଦ୍ରପତ୍ତନରୁ ପ୍ରାୟ ୨୧୭୧ ମିଟର ଉଚ୍ଚତାରେ ଥିବା ଏହି ଗାଁ ନିକଟରେ ପର୍ଯ୍ୟଟକଙ୍କ ଦେଖିବା ନିମନ୍ତେ ରହିଛି ଅନେକ ମନୋରମ ଦୃଶ୍ୟ। ଯେମିତି କି ପାହାଡ଼, ଝରଣା, ମନ୍ଦିର, ଫୁଲବଗିଚା, ଜଙ୍ଗଲୀ ପରିବେଶରେ ଜାତିଜାତିକା ପକ୍ଷୀଙ୍କୁ ଦେଖିବା ଇତ୍ୟାଦି। ଏହାଛଡ଼ା ବିଭିନ୍ନ ଦୁଃସାହସିକ କ୍ରୀଡ଼ାର ମଜା ନେବା ପାଇଁ ବି ଏଠାରେ ସମସ୍ତ ସୁବିଧା ଉପଲବ୍ଧ ରହିଛି।

### ନାମକରଣକୁ ନେଇ ଲୋକକଥା

ଇତିହାସ ପୃଷ୍ଠା ଓଲଟାଇଲେ ଜଣାଯାଏ ଯେ, ମୁକ୍ତେଶ୍ୱର ଗାଁର ନାମ ପୂର୍ବେ କୁଆଡ଼େ ମୁକ୍ତେସର ଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ଗାଁ ନିକଟରେ ଦେବ ଦେବ ମହାଦେବଙ୍କୁ ସମର୍ପିତ ଏକ ମନ୍ଦିର ମୁକ୍ତେଶ୍ୱର ଧାମ ନିର୍ମାଣ କରାଯିବା ପରେ ଗାଁର ନାମକୁ ପରିବର୍ତ୍ତନ କରି ମୁକ୍ତେଶ୍ୱର ରଖାଯାଇଥିବା ସ୍ଥାନୀୟ ଲୋକେ କହିଥାନ୍ତି। ଉକ୍ତ ଗାଁ ନିକଟରେ ଥିବା ଏକ ପାହାଡ଼ ଉପରେ ଏହି ମନ୍ଦିରଟି ଅବସ୍ଥିତ ; ଯାହା ପ୍ରାୟ ୩୫୦ ବର୍ଷରୁ ଊର୍ଦ୍ଧ୍ୱ ପୁରୁଣା ବୋଲି ସୂଚନା ରହିଛି। ଏଠାରେ ପୂଜା ପାଉଥିବା ମହାଦେବ ଖୁବ୍ ପ୍ରତ୍ୟକ୍ଷ ଠାକୁର। ପବିତ୍ର ମନରେ ତାଙ୍କୁ ପୂଜିଲେ ଭକ୍ତଙ୍କର ମନୋସ୍କାମନା ପୂରଣ ହୁଏ ବୋଲି ସ୍ଥାନୀୟ ଲୋକଙ୍କର ବିଶ୍ୱାସ। ଏହି ମନ୍ଦିରରେ ଦେବ ଦେବ ମହାଦେବଙ୍କ ସମେତ ପ୍ରଭୁ ବ୍ରହ୍ମା, ବିଷ୍ଣୁ, ମାତା ପାର୍ବତୀ, ହନୁମାନ ଏବଂ ନନ୍ଦୀଙ୍କୁ ବି ପୂଜା କରାଯାଇଥାଏ। ମୁକ୍ତେଶ୍ୱର ଗାଁକୁ ବୁଲି ଆସୁଥିବା ପର୍ଯ୍ୟଟକ ଏହି ମନ୍ଦିର ଦର୍ଶନ କରିବାକୁ ଆଦୌ ଭୁଲନ୍ତି ନାହିଁ।

### ଅନ୍ୟାନ୍ୟ ଦର୍ଶନୀୟ ସ୍ଥାନ

ପ୍ରକୃତିର ଅପରୂପ ସୌନ୍ଦର୍ଯ୍ୟରେ ଭରା ମୁକ୍ତେଶ୍ୱର ଗାଁରେ ପର୍ଯ୍ୟଟକ ବହୁ ଉଚ୍ଚ ଉଚ୍ଚ ପାହାଡମାନ ଦେଖିପାରିବେ। ତା'ସହିତ ପାହାଡ଼ ସନ୍ଧିରୁ ଝରି ଆସୁଥିବା ଅନେକ ଝରଣାର ସୌନ୍ଦର୍ଯ୍ୟ ମଧ୍ୟ ଏଠି ଉପଭୋଗ କରିପାରିବେ। ଏଠାରେ ଦେଖିବାକୁ ମିଳୁଥିବା କେତୋଟି ପ୍ରମୁଖ ଜଳପ୍ରପାତ ମଧ୍ୟରେ ତାରିଖେତ୍ ଜଳପ୍ରପାତ, ରୁଦ୍ରାଧରି ଜଳପ୍ରପାତ, ଧୋକାନେ ଜଳପ୍ରପାତ ଆଦି ଅନ୍ୟତମ। ତା'ଛଡ଼ା ଏହି ଗାଁକୁ ଯିବା ରାସ୍ତାରେ ଦେବଦାରୁ ଜଙ୍ଗଲର ଅପୂର୍ବ ଦୃଶ୍ୟକୁ ବି ଉପଭୋଗ କରିବାର ସୁଯୋଗ ମିଳିଥାଏ। ଆଉ ଏହି ଜଙ୍ଗଲିଆ ପରିବେଶରେ ଜାତିଜାତିକା ପକ୍ଷୀଙ୍କୁ ଦେଖିବା ବି ଖୁବ୍ ସୁନ୍ଦର ଅନୁଭୂତି ଦେଇଥାଏ। କେବଳ ସେତିକି ନୁହେଁ ଏଠାକାର ଗାଁ ଲୋକେ ବି ପାହାଡ଼ ଉପରେ ଖୁବ୍ ସୁନ୍ଦର ସୁନ୍ଦର ଫୁଲ ବଗିଚା କରିଥିବାର ମଧ୍ୟ ପର୍ଯ୍ୟଟକ ଦେଖିପାରିବେ।



### ଦୁଃସାହସିକ କ୍ରୀଡ଼ାର ଆନନ୍ଦ

ପାହାଡ଼ିଆ ଅଞ୍ଚଳ ହୋଇଥିବାରୁ ପର୍ଯ୍ୟଟକ ଏଠାରେ ଟ୍ରେକିଂ, ପାରାଗ୍ଲିଡିଙ୍ଗ୍, ରକ୍ କ୍ଲାଇମ୍ବିଂ, ରାପେଲିଂ ଆଦି ଦୁଃସାହସିକ କ୍ରୀଡ଼ାର ଭରପୂର ମଜା ନେଇପାରିବେ। ଏନେଇ ଏଠାରେ ସ୍ୱତନ୍ତ୍ର ତାଲିମ ବି ଦିଆଯାଇଥାଏ। ତା'ସହିତ ଏଠାକାର ଶାନ୍ତ, ମନୋରମ ପରିବେଶରେ କିଛି ସମୟ ଧ୍ୟାନ କରିବା ବି ପର୍ଯ୍ୟଟକଙ୍କୁ ନିଆରା ଅନୁଭୂତି ପ୍ରଦାନ କରିଥାଏ।

### କେବେ ଯିବେ

ବର୍ଷର ସବୁ ସମୟରେ ଏଠାକୁ ବୁଲିଯିବାର ସୁବିଧା ଥିଲେ ବି ପ୍ରାୟତଃ ପର୍ଯ୍ୟଟକ ଖରାଦିନେ ହେଉ କି ଶୀତଦିନେ ମୁକ୍ତେଶ୍ୱର ବୁଲିଯିବା ପାଇଁ ଚିନ୍ତା କରିଥାନ୍ତି। କାରଣ ଖରାଦିନେ ଏଠାରେ ସେତେ ବେଶି ଗରମ ଅନୁଭୂତ ହୁଏ ନାହିଁ। ବୁଲାବୁଲି କରିବାକୁ ବେଶ୍ ଶାନ୍ତି ଲାଗେ। ସେହିପରି ଶୀତଦିନେ ଏଠାରେ ଶୀତର ମଜା ନେବାକୁ ଭାରି ଭଲ ଲାଗେ। ଡିସେମ୍ବର ଓ ଜାନୁଆରୀ ମାସରେ ଏଠାରେ ବେଳେବେଳେ ତୁଷାରପାତ ବି ହୁଏ ; ଯାହା ପର୍ଯ୍ୟଟକଙ୍କୁ ନିଆରା ଅନୁଭୂତି ଦେଇଥାଏ।

### କେମିତି ଯିବେ

ଦିଲ୍ଲୀଠାରୁ ପ୍ରାୟ ୩୪୩ କି.ମି. ଏବଂ ନୈନିତାଲଠାରୁ ପ୍ରାୟ ୫୧ କି.ମି. ଦୂରରେ ଥିବା ଏହି ମୁକ୍ତେଶ୍ୱର ଗାଁକୁ ଯିବା ପାଇଁ ନିଟକତମ ବିମାନବନ୍ଦର ହେଉଛି ପନ୍ତନଗର ଏବଂ ନିକଟତମ ରେଳଷ୍ଟେଶନ ହେଉଛି କାଠଗୋଦାମ। ସେହିପରି ଟୁରିଷ୍ଟ ବସ୍ ଦ୍ୱାରା ପ୍ରଥମେ ନୈନିତାଲ ଯାଇ ସେଠାରୁ ଟ୍ୟାକ୍ସି ହେଉ କି ଲୋକାଲ୍ ବସ୍ ସାହାଯ୍ୟରେ ଜଣେ ଆରାମରେ ଯାଇ ମୁକ୍ତେଶ୍ୱରଠାରେ ପହଞ୍ଚିପାରିବେ।



# ସ୍ୱପ୍ନରେ ପଡ଼ିଗଲା ଭଳି କାହିଁକି ଲାଗେ



**ଏମିତି ଅନେକଙ୍କ ସହ ହୋଇଥିବ ଯେ, ଗଭିର ନିଦରେ ଶୋଇଥିବାବେଳେ ହଠାତ୍ ଧଡ଼ାମ୍‌ରେ ଖଟରୁ ପଡ଼ିଯାଉଛନ୍ତି । ଆଉ ଭୟରେ ଆଖି ଖୋଲିଯାଉଛି। ହେଲେ ଉଠିବା ପରେ ଜାଣୁଛନ୍ତି ପ୍ରକୃତରେ ଆପଣ ଖଟରୁ ପଡ଼ି ନାହାନ୍ତି, ବରଂ ସ୍ୱପ୍ନ ଦେଖିଛନ୍ତି । ହେଲେ ଏମିତି କାହିଁକି ହୁଏ କେବେ ଭାବିଛନ୍ତି? ଜାଣନ୍ତୁ ସେ ସମ୍ପର୍କରେ..**

**ଶୋ**ଇବାବେଳେ ଅନେକଥର ଲାଗେ ସତେ ଯେମିତି ହଠାତ୍ ଖଟରୁ ପଡ଼ି ଯାଉଛନ୍ତି । ଏକ ଶକ୍ତ ଝଟ୍‌କା ଲାଗେ । ନିଦ ଭାଙ୍ଗିଯାଏ । ହେଲେ ଉଠିବା ପରେ ଜାଣନ୍ତି ତାହା ଏକ ସ୍ୱପ୍ନ ଥିଲା । ଏହି ଅନୁଭୂତି ବେଶ୍ ଅଜବ । ତେବେ କେବେ ଭାବିଛନ୍ତି ଏମିତି କାହିଁକି ହୁଏ ? ଏହାପଛରେ ରହିଛି ରୋଚକ ବୈଜ୍ଞାନିକ କାରଣ । ଇଂଲଣ୍ଡର ବ୍ରାଡଫୋର୍ଡରେ ନ୍ୟାଶନାଲ ହେଲ୍‌ଥ ସର୍ଭିସ୍ ସହ ଜଡ଼ିତ ଜନରଲ ପ୍ରାକ୍ଟିସନର୍ ଡ଼ା. ଆମିର ଖାନଙ୍କ ଅନୁସାରେ ଏହି ଘଟଣାକୁ ହାଇପନିକ ଜର୍କ କୁହାଯାଏ । ଆଉ ପ୍ରାୟ ସମସ୍ତେ ଏହି ଅନୁଭୂତିକୁ ଜୀବନରେ ଥରେ ନିଶ୍ଚିତଭାବେ ଅନୁଭବ କରିଥିବେ ।

**ହାଇପନିକ ଜର୍କ କ'ଣ:** ହାଇପନିକ୍ ଜର୍କକୁ ସ୍ଲିପ ଷ୍ଟାର୍ଟ ଅବା ମାୟୋକ୍ଲୋନିକ ଜର୍କ ବି କୁହାଯାଏ । ଏହା ହେଉଛି ଏକ ଅଚାନକ୍ ତଥା ଅନୈଚ୍ଛିକ ମାଂସପେଶୀ ସଙ୍କୁଚନ, ଯାହାକି ନିଦ୍ରାକୁ ଗଲାବେଳେ ହୋଇଥାଏ । ଏହା ଏକ ସାମାନ୍ୟ ଘଟଣା, ଯାହାର ଅନୁଭବ ପ୍ରାୟ ସମସ୍ତେ କରିଥାନ୍ତି। ଏଥିରେ ହଠାତ୍ ଝଟ୍‌କା, ଡେଇଁବା ଅବା ପଡ଼ିଯିବା ଭଳି ଅନୁଭବ ହୁଏ । ଏହି ଝଟ୍‌କା ଆପଣଙ୍କୁ କିଛି ସମୟ ପାଇଁ ଜାଗ୍ରତ କରିବ, ହେଲେ ଏହା ହାନିକାରକ ନୁହେଁ । ଯେବେ ଜଣେ ଧୀରେଧୀରେ ଗଭିର ନିଦ୍ରାକୁ ଯାଆନ୍ତି, ବ୍ୟକ୍ତିଙ୍କ ଶରୀର ଓ ମାଂସପେଶୀ ହାଲ୍‌କା ହେବାକୁ ଲାଗେ । ଏହି ସମୟରେ ବେଳେବେଳେ ମସ୍ତିଷ୍କ ଏହି ହାଲ୍‌କାପଣ ବା ଢିଲାପଣକୁ ପଡ଼ିବାର ସଙ୍କେତ ଭାବେ ଭୁଲ ବୁଝିଯାଏ । ଅର୍ଥାତ୍ ଆପଣଙ୍କ ଶରୀର ସାମାନ୍ୟ ରୂପରେ ନିଦ୍ରାକୁ ଯାଉଥିବାବେଳେ ବେଳେବେଳେ ମସ୍ତିଷ୍କକୁ ଅନୁଭବ ହୁଏ କିଛି ଭୁଲ ହେଉଛି । ଆଉ ବ୍ୟକ୍ତିଙ୍କୁ ବଞ୍ଚାଇବାକୁ ଚେଷ୍ଟା କରି ମସ୍ତିଷ୍କ ପଡ଼ିବାର ଏହି ଭ୍ରାନ୍ତ ଅଲାର୍ମର ସଙ୍କେତ ଶରୀରକୁ ତୁରନ୍ତ ଦେଇଥାଏ । ଯେମିତିକି ଆପଣ ନିଜକୁ ସମ୍ଭାଳିପାରିବେ । ଏହାର ପରିଣାମସ୍ୱରୂପ ଅଚାନକ ଝଟ୍‌କା, ଏକ ହଲଚଲ୍, ଅବା ଅଚାନକ ନିଦ ଭାଙ୍ଗିଯିବା ଆଦି ହୁଏ । ଏସବୁ କେଇ ସେକେଣ୍ଡରୁ ବି କମ୍ ସମୟରେ ହୋଇଥାଏ ।

କିଛି ବୈଜ୍ଞାନିକଙ୍କ ମତରେ ଏହି ଝଟ୍‌କା ଆମର ପ୍ରାଚୀନ ପ୍ରବୃତ୍ତି ସହ ଜଡ଼ିତ । ଅର୍ଥାତ ମଣିଷ ଯେବେ ଗଛ ଉପରେ ଶୋଉଥିଲେ, ସାମାନ୍ୟ ସନ୍ତୁଳନ ବିଗିଡ଼ିଲେ ପଡ଼ିଯିବାର ଭୟ ରହୁଥିଲା । ଏମିତିରେ ଶରୀରର ହଠାତ୍ ଝଟ୍‌କା ଅନୁଭବ ହେବାଟି ବୋଧହୁଏ ପଡ଼ିବାଠାରୁ ବଞ୍ଚାଇବାର ସୁରକ୍ଷାତନ୍ତ୍ର ଥିଲା । ସମୟ ସହିତ ଏହି ଅଭ୍ୟାସ ଆମ ଭିତରେ ବଜାୟ ରହିଲା । ଯଦିଓ ଆମେ ଏବେ ଗଛରେ ରହୁ ନାହୁଁ। ତେବେ ବି ଏହି ଅନୁଭୂତି ବେଳେବେଳେ ସ୍ୱପ୍ନରେ ମିଳିଯାଏ ।





**କ୍ଷତିକାରକ କି ହାଇପନିକ ଜର୍କ:** ହାଇପନିକ ଜର୍କ ସମ୍ପୂର୍ଣ୍ଣଭାବେ ସାମାନ୍ୟ ଓ ସୁରକ୍ଷିତ । ଏହା କୌଣସି ରୋଗର ସଙ୍କେତ ନୁହେଁ । ନା ହିଁ ଏହା କୌଣସି ସମସ୍ୟା ସହିତ ଜଡ଼ିତ । ଏହା ଶରୀରର ଏକ ଛୋଟିଆ ରିଫ୍ଲେକ୍ସ । ଯେମିତିକି ଆଖି ଉପରେ ପଡୁଥିବା ଆଲୋକରେ ଆଖି ପତା ପଡ଼ିଯିବା । ଆବଶ୍ୟକତାଠାରୁ ଅଧିକ ଚାପରେ ରହିବା, ଅଧିକ ଥକ୍କାପଣ, ରାତିରେ ଅଧିକ କ୍ୟାଫିନ୍ ଗ୍ରହଣ କରିବା, ଅଧିକ ଧାଁଦୌଡର ବ୍ୟସ୍ତ ଜୀବନ ଯୋଗୁ ମସ୍ତିଷ୍କ ଅନେକ ସମୟରେ ଅଧିକ ସକ୍ରିୟ ରହେ । ଫଳରେ ନିଦକୁ ଯିବା ମାତ୍ରେ ନିଦ ଲାଗିଯାଏ ଓ ଶରୀରର ଢିଲା ହେବାକୁ ଲାଗେ । ଆଉ ଏହି ଢିଲାପଣକୁ ମସ୍ତିସ୍କ ବେଳେବେଳେ ଭୁଲ୍‌ରେ ଖଟରୁ ପଡ଼ିଯାଉଥିବା ଭାବିନିଏ । ନିଦରେ ଏହି ଛୋଟିଆ ଝଟ୍‌କା ଅଜବ ଲାଗିପାରେ । ହେଲେ ଏହା ଆଦୌ ହାନିକାରକ ନୁହେଁ। ଏହା କେବଳ ଆମ ମସ୍ତିଷ୍କର କିଛି ମଜାଦାର ହଲଚଲ୍ ମଧ୍ୟରୁ ଗୋଟିଏ ।

# ଟାଟୁମୟ ଶରୀର

**ଅ**ଜବ କାମ କରି ଗିନିଜ ୱାର୍ଲଡ ରେକର୍ଡସ୍‌ରେ ଅନେକେ ସ୍ଥାନ ପାଇଛନ୍ତି । ସେମାନଙ୍କ ଭିତରେ ଏସ୍ପେରାନ୍ସ ଲୁମିନେସ୍କା ଫୁଏର୍ଜିନା ବ୍ରିଜପୋର୍ଟ ଜଣେ । ସେ ରେକର୍ଡ କରିଛନ୍ତି ଶରୀରରେ ଟାଟୁ କରି । ତାଙ୍କ ଶରୀରର ୯୯.୯୮ ପ୍ରତିଶତ ଟାଟୁରେ ଭର୍ତ୍ତି । ଏହାବାଦ ସେ ନିଜ ଶରୀରରେ ୮୯ ଥର ପରିବର୍ତ୍ତନ କରାଇଛନ୍ତି । ତେଣୁ ତାଙ୍କ ନାମ ନିକଟରେ ସବୁଠାରୁ ଅଧିକ ବଡ଼ି ଟାଟୁ ଓ ବଡ଼ି ମୋଡିଫିକେସନ୍ କରିଥିବା ମହିଳା ଭାବେ ସ୍ଥାନ ପାଇଛି । ୩୬ ବର୍ଷୀୟା ଏସ୍ପରେନ୍ସଙ୍କର ହେଉଛି ଆର୍ମି ପରିବାରର । ଆଉ ସେ ବି ଆମେରିକାର ସେନାବାହିନୀରେ ମେଡିକାଲ ସର୍ଭିସ୍ ଅଫିସର୍ ଥିଲେ । ନିକଟରେ ସେ ରିଟାୟର୍ଡ ହୋଇଛନ୍ତି । ତାଙ୍କ ଶରୀରର ମୁଣ୍ଡରୁ ଗୋଡ ପର୍ଯ୍ୟନ୍ତ ଟାଟୁରେ ଭର୍ତ୍ତି । ଲାଗେ ସତେ ଯେମିତି ତାଙ୍କ ଶରୀର ଏକ ମୁଭିଂ କାନ୍‌ଭାସ୍ । ସେ ତାଙ୍କ ହାତ, ପାଦ, ପାପୁଲି, ଖପୁରୀ ସହ ଜିଭ,ଦାନ୍ତ ମାଢି, ସ୍କ୍ଲେରା ବା ଆଖି ଡ଼ୋଳାର ଧଳାଅଂଶ ଓ ଗୁପ୍ତାଙ୍ଗରେ ବି ଟାଟୁ କରାଇଛନ୍ତି । ୨୧ ବର୍ଷ ବୟସରୁ ସେ ଟାଟୁ କରିବା ଆରମ୍ଭ କରିଥିଲେ । ପରେ ଟାଟୁ କରିବାର ନିଶା ତାଙ୍କୁ ଲାଗିଗଲା । ବଡ଼ି ମୋଡିଫିକେସନ୍ ଭିତରେ ସେ ଜିଭକୁ ଦୁଇ ଫାଳ କରିଛନ୍ତି, ସେହି ଜିଭ ଓ ମାଢିକୁ କାଳୀରେ ଇଞ୍ଜେକ୍ଟ କରାଇଛନ୍ତି, ନିପଲ୍ ରିମୁଭ କରାଇଛନ୍ତି, ଦାନ୍ତକୁ ରଙ୍ଗାଇଛନ୍ତି, ଚର୍ମ ଉଠି ଉଠି ରହିବା ସୁନ୍ଦର ସୁନ୍ଦର ପ୍ୟାଟର୍ନ କରିବା ଲାଗି ସର୍ଜରୀ କରାଇଛନ୍ତି । ତାସହ ଓଠ, ନାକ ଓ କାନ ସହ ଶରୀରର ବିଭିନ୍ନ ସ୍ଥାନରେ ପିୟର୍ସିଂ କରାଇଛନ୍ତି ।








## କଥା ଚାଟ୍

ଶ୍ରୀମାନ୍ ସର୍ବଗିଳା

# ଭଦ୍ର-ଚୋର ଭାରି ଭଲ

ଆଜିକାଲି ଚୋର ସମ୍ବୋଧନ ଅଣସାମ୍ବିଧାନିକ ଅବାଗିଆ ଶବ୍ଦ ମନେହେଉଥିବାରୁ 'ଭଦ୍ର' ଶବ୍ଦଟି ଚୋର ପୂର୍ବରୁ ଲଗେଇବା ଉଚିତ ମଣିଲି, ଯେମିତି ମୁଁ ସର୍ବଗିଳା ନାମ ଆଗରୁ ଶ୍ରୀମାନ ଯୋଡ଼ିଛି। ଆଜିକାଲି ଜୋରସୋର୍ ଚୋର ଶବ୍ଦକୁ ନେଇ ଆକ୍ଷେପ ପ୍ରତି-ଆକ୍ଷେପ। କିଏ କାହିଁକି କାହାକୁ କହୁଛନ୍ତି, କିଏ ସତିଆ କିଏ ମିଛୁଆ, ଏହା ବିଚାର କରି କହିବା ଆମ ଜ୍ଞାନ ବୁଦ୍ଧିର ଅଗୋଚର। ସେ ବିଚାର ଜନତା ଜନାର୍ଦ୍ଦନ ତଥା ବିଚାରପତିମାନେ କରନ୍ତି। ଏଠାରେ ଆମ୍ଭର କିଛି ଅନୁଭୂତି କେବଳ ବଖାଣି ପ୍ରିୟ ପାଠକମାନଙ୍କୁ ଆନନ୍ଦ ପ୍ରଦାନ ଓ ସତର୍କ କରେଇବାର ହିତେଚ୍ଛା ମାତ୍ର। ପିଲାବେଳେ ଆମ ଅଞ୍ଚଳର ପ୍ରସିଦ୍ଧ ଚୋର କଥା ପଢ଼ିଲେ କାନଡେରି ଶୁଣୁଥିଲି, ଯେତେବେଳେ ମୋର ଧାରଣା ନ ଥିଲା- ଚୋର କେମିତିକା ଜୀବ ବୋଲି !

ଯଦି କୋଉଠୁ ଶୁଣେ ଅମୁକ ଗାଁରେ ଚୋର ଧରାପଡ଼ିଛି, ତେବେ ତା' ହାତ ଗୋଡ଼ ଦେହ ଲାଙ୍ଗୁଡ଼ କିଭଳିଆ ହୋଇଥିବ, କେମିତି ଦେଖାଯାଉଥିବ, ଦେଖିବାକୁ ଦୌଡ଼ୁଥିଲି। ହେଲେ ଯେବେ ଶୁଣୁଥିଲି ତାକୁ ଲୋକେ ଧରି, ପୁଳାଏ ପିଟି ଥାନାକୁ ନେଇ ଗଲେଣି, ସେତେବେଳେ ମନ ଦୁଃଖରେ ଫେରୁଥିଲି। ଭାବେ, ଥାନା ବୋଧହୁଏ ଚୋରଙ୍କର ଘର, ଯେମିତି ନାନା ପ୍ରକାର ଜୀବଜନ୍ତୁ ବଞ୍ଚି ରୁହନ୍ତି ସେମିତି। ମୁଁ ଥାନା ଭିତରକୁ କେବେ ଯାଇ ପାରେନି କି ଚୋର ଦେଖିବା ସମ୍ଭବ ହୁଏନି। ମୁଁ ଚତୁର୍ଥ ଶ୍ରେଣୀରେ ପଢ଼ିଲାବେଳେ ଶନିବାରିଆ ସକାଳୁଆ ସ୍କୁଲକୁ ଯିବାକୁ ବାହାରିଛି, ଏଇ ବେଳରେ କିଏ ଆମ ବାପାଙ୍କୁ କହିଲା, ଜାଣିଲଣି ଦାଦି, ସମୁକ ଗାଁରେ ଚୋରକୁ ଧରିଛନ୍ତି। ଆଉ କି ସ୍କୁଲକୁ ଯାଏ ? ଧାଇଁଲି ଚୋର ଦେଖିବାକୁ। ଦେଖିଲି ପୁଳାଏ ଲୋକ ତାକୁ ଘେରିରହିଛନ୍ତି। ଭିଡ଼ ଆଡ଼େଇ, ଲୋକଙ୍କ ଗୋଡ଼ ଫାଙ୍କରେ ଗଳି ଗଳି ଆଗକୁ ଗଲି। ଦେଖିଲି ମଣିଷ ପିଲାଟେ ! ଯୁବା ବୟସ। ଯିଏ ଚାହୁଁଛି, ସିଏ ତା' ପିଠିରେ ଢୋଲକ- ତବଲା ବଜେଇଲା ବାଗିଆ ବାଡେଇ, ହାତ କାଟିଲା ଯାଏଁ ହାତ ଛାଟି ଛାଟି ଫେରୁଛନ୍ତି। ସେ ବିଭିନ୍ନ ଭେରାଇଟିରେ ମାଡ଼ ଖାଉଥିଲା। କିଏ ଚାପୁଡ଼ା ଚଟକଣି ମାରି, ତା' ଟାକୁଆ ଗାଲକୁ ଗୋଲଗାଲିଆ କରିବାରେ ଲାଗିପଡ଼ିଥିଲା ତ କିଏ ତା' ଚୁଟିକୁ ଉପାଡି ଚନ୍ଦା କରିବାରେ ନିଷ୍ଠାର ସହିତ ଚେଷ୍ଟା ଜାରି ରଖିଥିଲା। କିନ୍ତୁ ମୁଁ ତ ଚୋରକୁ ଦେଖି ପାରୁ ନ ଥିଲି ! ଇଏ ତ ମଣିଷ, ଚୋର କାହିଁ ? ଆଉ ସମ୍ଭାଳି ପାରିଲିନି। ଭାରି କାନ୍ଦ ମାଡିଲା...ମଣିଷ ମାଡ଼ଖାଇବା ଦେଖି। କାନ୍ଦ କାନ୍ଦ ହୋଇ ଆସୁ ଆସୁ ଜଣେ ପଚାରିଲେ। ହେ ପୁଅ ! ତୁ କାନ୍ଦୁଛୁ କ'ଣ ପାଇଁ ? କହିଲି, ଚୋର କାହିଁ ? ଏ ଗୋଟେ ପିଲାକୁ ଏତେ ଲୋକ ଏମିତି କାହିଁକି ପିଟୁଛନ୍ତି, କେହି କାହିଁ ଛଡାଉନାହିଁ ? ସେ ମତେ ଯାହା କହିଲେ ମୋର ବିଶ୍ୱାସ ହେଲାନାହିଁ। ସେ ତ ମଣିଷ, ଚୋର କହୁଛନ୍ତି କ'ଣପାଇଁ ? ସେ କୁଆଡ଼େ କାହା ବରଜ ଭିତରେ ପାହାଡ଼ିଆ ପଶି ପାନ ଚୋରି କରିଥିଲା। ଦେଖିଲି କିଛି ପାନପତ୍ର ଗୋଟେ ଅଖାରେ ରଖା ହୋଇଥିଲା। ହେଲେ କାହିଁକି ମଣିଷ ପିଲାକୁ ଚୋର କହୁଥିଲେ- ଅବୁଝା ରହିଗଲା।

ପ୍ରାୟ ଛ' ସାତମାସ ପରେ ଆମ ଶ୍ରେଣୀର ଗୋଟେ ପିଲାର କଲମ ଜଣେ ନେଇ ଥିବାରୁ ମାଡ଼ ଖାଇଲା ପରେ ମୁଁ ପଚାରିଲି ସାର୍! ଆମ ସାଙ୍ଗକୁ ସମସ୍ତେ କାହିଁକି ଚୋର କହୁଛନ୍ତି ? ଚୋର କିଏ ? ସାର୍ ସେ ପିଲାକୁ ଦେଖେଇ କହିଲେ.. ହେଇ ସେଇ ଚୋର। ମୁଁ ଆଶ୍ଚର୍ଯ୍ୟ ହେଲି, ସେ' ତ ଆମ ସାଙ୍ଗ ! ପଚାରିଲି ସାର୍ ଚୋର କେମିତି ହେଲା ? ସାର୍ କହିଲେ ସେ ଆଉଜଣଙ୍କ ବ୍ୟାଗ୍‌ରୁ କଲମ ଚୋରି କରିଥିଲା। କିନ୍ତୁ ସେହି ସାଙ୍ଗ କହୁଥିଲା.. ସେ ଚୋରି କରିନି କି ଚୋର ନୁହଁ। ତା' କଲମରୁ କାଳି ସରିଯିବାରୁ ସେ ଆଉଜଣେ ସାଙ୍ଗର ବସ୍ତାନିରୁ ଲେଖିବାକୁ ନେଇଥିଲା। ଓଃ..! ମୁଣ୍ଡ ଝାଇଁ ମାରିଗଲା, ଏ ଚୋର କିଏ, କାହିଁକି ଚୋର ! ସେଦିନ ଯିଏ ମାଡ଼ ଖାଉଥିଲା, କାହା ବରଜରୁ ପାନ ଆଣିଥିଲା, ଆଉ ଆଜି ଆମ ସାଙ୍ଗ କଲମ ଆଣି ଚୋର ଡକା ଯାଉଥିଲା। ଅନେକ ଦିନ ପରେ ଏତିକି ବୁଝିଲି ହୋଇଥାଉ ମଣିଷର ଆକୃତି, ଯେବେ ବଦଳେ କୃତି-ବୃତ୍ତି-ପ୍ରକୃତି, ସେଇ କୃତି ବୃତ୍ତିରୁ ତାକୁ ସେଇଆ ବୋଲି ଚିହ୍ନନ୍ତି, ଯେମିତି ଚୋର, ସାଧୁ, ବକ୍ତା, ସେବକ, ଶୋଷକ,



କହିହା, ସ୍ନେହୀ ମଣିଷ ଭାବରେ ବୁଝନ୍ତି। ମାତ୍ର ଅସଲ ସତ୍ୟ କ'ଣ- ଛପି ରହିଥାଏ ଚେହେରା ଓ ପୋଷାକ ଭିତରେ। ବଡ଼ ହେଲାପରେ ବୁଦ୍ଧି ବିବେକ ବଦଳିଲା ସିନା, ହେଲେ ଆଖି ଧୋକା ଖାଇଲା। ଥରେ ଗୋଟେ ବଡ଼ ମେଳା ଭିତରେ ଭଦ୍ର ମଣିଷ ବେଶରେ ବୁଲୁଥାନ୍ତି ଖାଣ୍ଟି ଖଣ୍ଡ ଭଦ୍ର ଚୋର ଦଳ। ଯିଏ ଜଣେ ମହିଳାଙ୍କ ଗଳାରୁ ହାର ଛିଣ୍ଡେଇ ଟିକେ ବାଟ ଆଗକୁ ଧାଇଁ, ତା'ସାଙ୍ଗ ସହ ଆଗକୁ ହାତ ଦେଖେଇ ଚିଲେଇଲା। ଚୋର ଚୋର.. ଧର ଧର.. ମାର ମାର କହି ଚିତ୍କାର କଲା ! ତାଙ୍କ ଭାଷା- ବେଶପୋଷାକ ଦେଖି କେହିବି ତାଙ୍କୁ ଚୋର ବୋଲି ନ ଭାବି ଆଉ ଜଣେ ସାଧାରଣ ଲୋକକୁ ଧରି ଚିଲାଉଥିବା ଲୋକକୁ ପଚାରିଲେ ଏଇ କ'ଣ ସେଇ ଚୋର ? ଚୋର ଚାରିଜଣ ଏକାଠି କହିଲେ, ହଁ ହଁ ସେଇ ହାରାମି ଚୋର। ବିଚରା ସାଧାରଣ ଜନତା 'ହୋ'ରେ ମାତି ସାଧୁ ନିରୀହ ଲୋକଟିକୁ ଆଛା କରି ଛେଚିଲେ। ଏଣେ ଅସଲି ଚୋର, ଯିଏ ସେଇ ନାରୀର ସୁନାହାର ଚୋରି କରିଥିଲା, ଭଲେଇ ହୋଇ ତାଙ୍କ ମିତ୍ର ହୋଇ ତାଙ୍କଠୁ ଭଲକରି ଲୁଟିଥିଲେ। ପରବର୍ତ୍ତୀ ସମୟରେ ଜାଗାଜମି ହଡ଼ପ କରିଥିଲେ ବି, ଶେଷଯାଏ ତାଙ୍କୁ ଚୋର ବୋଲି ସେଇ ନାରୀ କି ତାଙ୍କ ପରିବାର ଚିହ୍ନି ପାରି ନ ଥିଲେ। ଏମାନେ ସିଂହ ଚମଡ଼ାବୃତ୍ତ ମଡ଼ଖିଆ ଶୃଗାଳ ଭଳିଆ ଏମିତି ଅଭିନୟ କରୁଥିଲେ ଯେ, ତାଙ୍କୁ କିଏବା ଚିହ୍ନିବ-ଜାଣିବ ନା ଚୋର-ଶୃଗାଳ ବୋଲି ଭାବିବ ? ଏମିତି ଅନେକେ ଅଛନ୍ତି, ଯାହାଙ୍କ ବୃତ୍ତି-ପ୍ରବୃତ୍ତି ଭାଷା-ବେଶଠାରୁ ଭିନ୍ନ। ଯେମିତି ଜଣେ ଜାତିରେ ବୃତ୍ତିରେ ଯାହା ହୁଅନ୍ତୁ, ମାତ୍ର ପ୍ରବୃତ୍ତିରେ ଅଯଥା ଅଶାନ୍ତି ସୃଷ୍ଟିକରି ଦୁନିଆରେ ଅସ୍ଥିରତା ସୃଷ୍ଟି କରେଇ ମୁଷ୍ଟିମେୟ ମୂର୍ଖମାନଙ୍କୁ ଭୁଆଁ ବୁଲେଇ, ଭାଇ-ଭାଇ ଭିତରେ ମୁଷ୍ଟି- ଯୁଦ୍ଧ ଭିଆଇବା କାମ ଭଲରେ କରିପାରନ୍ତି। ଆଉକିଛି ବାଇମୁଣ୍ଡି ଗୋଷ୍ଠୀର ଥାଆନ୍ତି, ଯେଉଁମାନେ ନିଜପାଇଁ କିଛି ନ କରି ଜଗତପାଇଁ ସର୍ବସ୍ୱ ଦାନ କରି ବି ମାନ-ସମ୍ମାନ ନ ଚାହିଁ, ତାଙ୍କ ବିବେକ କହିବା ମୁତାବକ ଜଗତ ମଙ୍ଗଳ କାମରେ ଲାଗିଥାନ୍ତି। ଏଭଳି ଲୋକଙ୍କୁ ବଞ୍ଚିଥିଲାବେଳେ ବିଶେଷ କେହି ଜାଣନ୍ତି ନାହିଁ, ମାତ୍ର ମଲାପରେ ଭାରି ଗୁଣଗାନ କରନ୍ତି। ବଞ୍ଚିଥିଲା ବେଳେ କାଳେ କିଏ ତାଙ୍କ ପ୍ରଶଂସା ଗୁଣଗାନ କରିଦେବ, ତେଣୁ ଏଇ ଅତି ଭଦ୍ର -ଚୋରଗଣ ପଣସ ଖାଇ ଏମାନଙ୍କ ମୁଣ୍ଡରେ ଅଠା ବୋଳିବାକୁ ଭଲ ପାଆନ୍ତି। ନିଜ ଅସଲ ପ୍ରକୃତି ଲୁଚେଇବାପାଇଁ, ଏମିତି ନିରୀହ ସାଧୁ-ପ୍ରକୃତିଆ ଲୋକ ଖୋଜି, ସମୟ ଦେଖି ଫାଇଦା ଉଠାନ୍ତି। ଖାଣ୍ଟି ଓଡ଼ିଆରେ କଥା ଅଛି ଚୋର ମୁହଁ ଟାଣ। ଆଜିକାଲି ଶହ ଶହ ସାହେବ, ବଡ଼ ସାନବାବୁମାନଙ୍କ କାରନାମା ଦେଖୁଥିବେ- ଭିଜିଲାନ୍ସ କି ଇଡି ଧରିଲେ କେମିତି ଜାଗା ଅଜାଗା ନିର୍ବିଶେଷରେ ଗାଧୁଆ ଘରୁ, ପାଇଖାନା ଘରୁ, ଗଦି ତଳୁ, ଛାତ ଉପରୁ, କାନ୍ଥ ଭିତରୁ ମନି-ମହାରାଜଙ୍କ କୋଟି କୋଟି ମାତ୍ରାରେ ଆବିର୍ଭାବ ହେଉଛନ୍ତି, ଟିଭି, ଖବର କାଗଜ ସୋସିଆଲ ମିଡିଆରେ ନିଇତି ପ୍ରକାଶିତ ହେଉଛନ୍ତି। ଏମାନେ କଣ ଚୋର ବୋଲି ଆଗରୁ କାହାକୁ ଜଣାଇଥିଲେ ? ନା' ବରଂ ଖାଣ୍ଟି ଭଦ୍ରବୋଲି ବଡ଼ ପରିଚୟ ସୃଷ୍ଟି କରିଥିଲେ। ଲାଗୁଛି ଯେମିତି ସାରା ସଂସାରରେ ରାହୁ ପଶିଛି.. ଖାଇବି ଖାଇବି ରାବ ଶୁଭୁଛି। ହେଲେ ପ୍ରକୃତ ସାଧୁ, କେବେ କଣ ନିଜ ମୁହଁରେ ତା 'ପରିଚୟ ଦିଏ ନା କହେ, ନା କାହା ଟାହିଟାପରା ନିନ୍ଦା-ଗାଳି ପ୍ରତି କର୍ଣ୍ଣପାତ କରି ଆପଣା କର୍ମର ପଥ ହୁଡ଼ିଥାଏ ? ପର ମଙ୍ଗଳ ଚିନ୍ତା ବିନା, କୋଉ ତା' ଆଖିକି ନିଦ ହୁଏ ? ବରଂ ସମାଜରେ ଯିଏ ସାଧୁ କି ଚୋର ଚିହ୍ନାଏ, ସିଏ ଯେବେ ଫାଇଦା ଆଶାରେ ରହେ, ଚୋରଙ୍କ ସହ ସାଲିସ କରେ, ସେତେବେଳେ ଅନେକଙ୍କ ଆଖି ଧୋକା ଖାଏ, ବୋକା ହୋଇଯାଏ। ଭାବିବା କଷ୍ଟ ହୁଏ, ଯାହାଙ୍କୁ ଚୋର ଚୋର କୁହାଯାଏ, ତାହାର ଚୁଲି-ଚାଳ କି ଖପର ଘର କେତେ ! ମାତ୍ର ଯିଏ ଅତିଭଦ୍ର ବୋଲି ପରିଚୟ ଦେଇ, ଅଭାବୀ ଲୋକକୁ ଚୋର ଚୋର ଚିତ୍କାର କରି ହାଜତରେ ପୂରାନ୍ତି ତାଙ୍କର କେମିତି ବଢ଼ିଛି ବିଦେଶୀ-ଧନ, କୋଠାବାଡ଼ି, ମାଲମାଲ ଗାଡ଼ି ଏତେ, ଗଣ୍ଡା ଗଣ୍ଡା ପ୍ଲଟ ଯାହାଙ୍କୁ ଯେତେ !

ଆଜ୍ଞା ! ଆଜିକାଲି ଆଉ ଏକପ୍ରକାର ଚୋରଗଣ ଦୃଷ୍ଟି ଗୋଚର ହେଉଛନ୍ତି। ଏମାନେ ଚିତ୍ତ ଚୋରାଉ ଚୋରାଉ, ବିତ୍ତ ଚୋରି କରିବାରେ ଭାରି ଧୁରନ୍ଧର। 'ଆଇ ଲଭ ୟୁ' ମହାମନ୍ତ୍ର ଏମିତି କାଇଦାରେ କାନରେ ଫୁଙ୍କି, ଜିଆ ଗୁଡ଼ି ବାଳିଆ ମାରିବା ଗୁଣ ଅର୍ଜିଛନ୍ତି ଯେ, ତାଙ୍କୁ ସହଜରେ ଚିହ୍ନି ହୁଏନି। ସବୁ ଲୁଟି ନେଇସାରି ଚୋର ପଳେଇଲା ପରେ ବୁଦ୍ଧି ପଶିଲା ବେଳକୁ ଘୁଷୁରି ଯାଇ ମଙ୍ଗଳପୁରରେ ହେଲା ବାଗିଆ କଥା। ତଥାପି ଏହି ଚିତ୍ତ ଚୋରା- ବିତ୍ତ ହରଣକାରୀଙ୍କ ପାଲରେ ପଲ ପଲ ପୁଅ ଝିଅ ମାଇପି ମରଦ ପଡୁଛନ୍ତି, ଭଲ ଭାଲୁ ଲାଙ୍ଗୁଡ଼ ଧରି ବୁଲୁଛନ୍ତି, ଅକାଳ ମରଣ ଦଶା ଭୋଗୁଛନ୍ତି ସିନା, ହେଲେ ଚେତିବା ଭଳିଆ କାହିଁ ଦୁଶୁନାହାନ୍ତି। ଏଇ ଅତି ସତିଆ ଚୋର-ମିତ୍ରଙ୍କ ଠାରୁ ଯେତେ ଦୂରେଇ ରହିଲେ ତ ଭଲ, ନ ହେଲେ କାଳକକୁ ଆବାହନ କଲ ଜାଣ !


- ବୀରହରେକୃଷ୍ଣପୁର, ପୁରୀ, ମୋ: ୭୦୦୮୧୮୮୮୪୭

## ପୁସ୍ତକ ସମୀକ୍ଷା

### ନିଖୋଜ ନାୟକ

**ମାୟାଧର ନାୟକ, ପ୍ରକାଶକ: ଆରୋହୀ, କଲ୍ୟାଣୀ ନଗର, କଟକ-୧୩ ,ମୂଲ୍ୟ: ୩୦୦/-**

ସାମ୍ପ୍ରତିକ ସମାଜରେ ମଣିଷ ପରିବେଶ ଓ ପରିସ୍ଥିତିକୁ ନେଇ ଆଜି ବିପଦରେ। ସେଇ ସବୁ ଦୈନନ୍ଦିନ ଜୀବନେ ଘଟୁଥିବା ଚାଲିଚଳଣି, ଯୁଦ୍ଧର ଘନଘଟା, ଅତିବୃଷ୍ଟି, ଅନାବୃଷ୍ଟି, ମରୁଡ଼ି ଓ ବିଭିନ୍ନ ଅଜଣା ରୋଗ ଆଦିର ଚିନ୍ତା ଓ ମଣିଷକୁ ସତର୍କ ସଚେତନ କରାଇବା ପାଇଁ ମାୟାଧର ନାୟକଙ୍କ ନିଖୋଜ ନାୟକ ଉପନ୍ୟାସଟି ରଚିତ। ଏଥିରେ ଲେଖକ ଖଣି ଅଞ୍ଚଳରେ କିପରି ପରିବେଶ ପରିସ୍ଥିତି ବିଗୁଡ଼ୁଛି ତାକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି। ନସ୍ତ୍ରାଦମସଙ୍କ ଭବିଷ୍ୟବାଣୀରେ ମହାଦେଶବ୍ୟାପୀ ଯୁଦ୍ଧ ଜାରି ରହିବାର ଇଙ୍ଗିତ ଥିଲା। କିନ୍ତୁ ତାଙ୍କ ଅସ୍ପଷ୍ଟ




ଲେଖା ଅନୁଯାୟୀ, ୨୦୨୫ରେ ଦୀର୍ଘଦିନ ଧରି ଚାଲିଥିବା ଯୁଦ୍ଧର ସମ୍ଭାବ୍ୟ ଅନ୍ତଃ ହୋଇପାରେ। ସେହିପରି ଲେଖକ ଭେଙ୍ଗା ବାବାଙ୍କ ଲେଖା ଲେଖିଛନ୍ତି। ସେ ମଧ ମନୁଷ୍ୟ ସମାଜର ପରିବେଶ ପରିସ୍ଥିତିକୁ ନେଇ ଅନେକ ଭବିଷ୍ୟବାଣୀ ଦେଇଛନ୍ତି। ଯାହା ଧୀରେ ଧୀରେ ପ୍ରଭାବ ପକାଉଛି ବୋଲି ଲେଖକ ଚିନ୍ତା ପ୍ରକଟ କରିଛନ୍ତି। ପୁସ୍ତକଟିରେ ଖଟିଖିଆ ମଣିଷ, ଶ୍ରମିକ ଓ ସାଧାରଣରେ ଚଳୁଥିବା ଲୋକଟି କିଭଳି ଆଜି ପରିବେଶ, ପରିସ୍ଥିତିକୁ ନେଇ ବିପଦରେ ସେ ବିଷୟରେ ଆଲୋଚନା କରାଯାଇଛି। ଉପନ୍ୟାସଟି ନିଶ୍ଚୟ ଅନ୍ୟକୁ ଅତିକ୍ରମ କରିବ, ସେଥିରେ ସନ୍ଦେହ ନାହିଁ।

ମାସାନୋବୁ ଫୁକୁଓକାଙ୍କ

### କୁଟା ଖିଏର ବିପ୍ଲବ

**ଓଡ଼ିଆ ଭାଷାନ୍ତର ସବ୍ୟସାଚୀ ପଣ୍ଡା, ପ୍ରକାଶକ: ମୃଗାଙ୍କ ମୌଳି ପଟ୍ଟନାୟକ, ମୂଲ୍ୟ: ୨୦୦/-**

ପୁସ୍ତକରେ ୫ଟି ପରିଚ୍ଛେଦ ରହିଛି। ଫୁକୁଓକା ଥିଲେ ଜଣେ କୃଷି ବୈଜ୍ଞାନିକ। ବିଜ୍ଞାନଗାରର ଗବେଷଣା କାମ ମଧ ଦେଇ ଆଧୁନିକ ସାର କୀଟନାଶକ ପ୍ରୟୋଗ ଚାଷର ନାସ୍ତିସୂଚକ ଦିଗଟିରେ ଆବିଷ୍କାର କରିଥିଲେ। ସେ ଗବେଷଣା ଛାଡ଼ି ନିଜ ଗାଁ ମାଟି ଓ ନିଜ ଚାଷ ଜମିକୁ ଫେରି ଆସିଥିଲେ। ସେଠାରେ ସେ ନିଜେ ୩୦ ବର୍ଷ ଧରି ପ୍ରାକୃତିକ ପଦ୍ଧତିରେ ଚାଷ କରିଥିଲେ। କମ୍ ପରିଶ୍ରମ, ପ୍ରକୃତିର ସର୍ବନିମ୍ନ କ୍ଷତି ଘଟାଉଥିବା ଏଇ ଚାଷ ପଦ୍ଧତିରେ ସେ ଅଧିକ ଅମଳ କରିବାରେ ସଫଳ ହୋଇଥିଲେ। ହଳ ନାହିଁ, ସାର ନାହିଁ, ଔଷଧ, କୀଟନାଶକ ନାହିଁ, ତଥାପି ଏଇ ଅର୍ଦ୍ଧ ବଣୁଆ ଚାଷରେ ସେ ଯେମିତି ଅମଳ କଲେ, ଟ୍ରାକ୍ଟର, ରସାୟନିକ ସାର ଓ କୀଟନାଶକ ପ୍ରୟୋଗ କରି ହେଉଥିବା ଖର୍ଚ୍ଚ ବହୁଳ ଚାଷ ଦ୍ୱାରା ମଧ ସେମିତି ସମ୍ଭବ ହୋଇପାରେନା। ଜଣେ ଜଣାଶୁଣା ପ୍ରାକୃତିକ ଚାଷୀ ଜାପାନର ଫୁକୁଓକା ଏଭଳି କାହିଁକି ପ୍ରାକୃତିକ ଚାଷ କଲେ ଓ ତାକୁ ବିକଶିତ କଲେ, ଏହି ଚାଷ ଦ୍ୱାରା ତାଙ୍କ ଜମି, ପରିବେଶ ଓ ମାନବସମାଜକୁ ମିଳୁଥିବା ଲାଭଟି ଏଥିରେ ବର୍ଣ୍ଣିତ। ସବ୍ୟସାଚୀ ପଣ୍ଡାଙ୍କର ଏହି ଉଦ୍ୟମ ପ୍ରଶଂସନୀୟ। ଓଡ଼ିଶାର ଅଗଣିତ ଚାଷୀମାନଙ୍କ ପାଇଁ କୁଟା ଖିଏର ବିପ୍ଲବ ନୂତନ କୃଷି ଯୁଗର ଅଗ୍ରଦୂତ ହେବ ବୋଲି ଆଶା କରିବା।



ବ୍ୟାକ୍ ପେଜ୍

# ଭାଓଲିନ ବଜାଉଛି ରୋବୋ

ଆଜିକାଲି ବହୁତ ଉନ୍ନତ ଟେକ୍ନୋଲୋଜିର ମାନବସଦୃଶ ରୋବୋ ଆସିଗଲାଣି । ଯେଉଁମାନେ କି ମଣିଷ ଭଳି ଏମିତିସବୁ କାମ କରିପାରନ୍ତି ଯେ, ଦେଖିଲେ ଆଶ୍ଚର୍ଯ୍ୟ



ଲାଗେ । ସେମିତି ଏକ ମାନବ ସଦୃଶ ରୋବୋ ହେଉଛି 'ପାର୍ଟନର୍' । ଧଳାରଙ୍ଗର ଏହି ରୋବୋଟି ଦେଖିବାକୁ ଯେମିତି କ୍ୟୁଟ୍ ତା'ର କାମ ଦେଖିଲେ ବି ସେମିତି ତାଜୁବ୍ ହେଇଯିବେ । ଜାପାନର ଟୟୋଟା କମ୍ପାନୀ ଦ୍ୱାରା ନିର୍ମିତ ଏହି ରୋବୋ ଖୁବ୍ ସୁନ୍ଦର ଭାଓଲିନ୍ ବଜାଇପାରେ । ତା'ର ଭାଓଲିନ୍‌ର ଧୂନ ଶୁଣିଲେ ଲାଗିବ ସତେ ଯେମିତି ସେ ଏକ କୁଶଳୀ ମାନବ ସଙ୍ଗିତକାର । ସେ ମଣିଷଙ୍କ ଭଳି ଭାଓଲିନ୍‌ରେ ଭାଇବ୍ରୋଟୋ ଆଣିବାରେ ବି ସକ୍ଷମ ହୁଏ । ଆଉ ଏସବୁ ସମ୍ଭବ ହୁଏ ଏହାର ଅଧିକ ଫ୍ଲେକ୍ସିବଲ ଓ ଶକ୍ତ ହାତ ପାଇଁ । ପାର୍ଟନର୍ ରୋବୋର ଉଚ୍ଚତା ପ୍ରାୟ ୫ ଫୁଟ୍ ଓ ଓଜନ ୫୬ କେ.ଜି. ।



# ଏତେ ଲମ୍ବା ଜିଭ!

ଓଜି ନାମକ ଏହି କୁକୁରର ଜିଭଟି ସବୁବେଳେ ଗୋଟିଏ ପାର୍ଶ୍ୱକୁ ଝୁଲି ରହିଥାଏ । ଜିଭକୁ ପାଟି ଭିତରକୁ ସେ ନେଇପାରେନା । କାରଣ ଜିଭଟି ତା'ର ଖୁବ୍ ଲମ୍ବା । ଆଉ ଏତେ ଲମ୍ବା ଯେ, ତା'ର ନାଁ ଗିନିଜ ୱାର୍ଲଡ ରେକର୍ଡସ୍‌ରେ ସ୍ଥାନ ପାଇଛି । ଓକ୍ଲାହୋମାର ଆଞ୍ଜେଲା ପିକ୍‌ଙ୍କ ପରିବାରର ସଦସ୍ୟ ହେଉଛି ଓଜି । ୪ ବର୍ଷୀୟ ଓଜିର ଜିଭର ଲମ୍ବ ୭.୮୩ ଇଞ୍ଚ । ହେଲେ ଏତେ ଲମ୍ବା ଜିଭ ପାଇଁ କେବେ ବି ସେ ଅସୁବିଧାର ସମ୍ମୁଖୀନ ହୁଏ ନାହିଁ । ଖାଲି ଯାହା ସେ ଅନ୍ୟ କୁକୁରଙ୍କ ଭଳି ଅଧିକ ଚଟାଚଟି କରିପାରେ ନାହିଁ ଓ ପାଟି ଭିତରେ ଜିଭକୁ ରଖିପାରେ ନାହିଁ । ଓଜିର ମାଲିକାଣୀ ଆଞ୍ଜେଲା କୁହନ୍ତି, 'ଜନ୍ମରୁ ହିଁ ଓଜିର ଜିଭ ଲମ୍ବା ଥିଲା । ଆଉ ତାହା ବାହାରକୁ ବାହାରି ରହୁଥିଲା । ଡାକ୍ତରଙ୍କୁ ଦେଖେଇବାରୁ ସେ କହିଥିଲେ ଯେ, ଓଜି ଶରୀରରେ ମେଡିକାଲି କିଛି ତ୍ରୁଟି ନାହିଁ, ଡେଣ୍ଟାଲ ଇସ୍ୟୁ ବି ନାହିଁ । ସବୁକିଛି ନର୍ମାଲ । ଖାଲି ଯାହା ଜିଭଟି ଅସମ୍ଭବଭାବେ ଲମ୍ବା ।'





# ଚକ ପାଲଟୁଛି ଏଲ୍‌ଇଡି ସ୍କ୍ରିନ୍

ସମସ୍ତେ ଚାହାନ୍ତି ନିଜର ବାଇକ୍ ହେଉକି କାର୍‌କୁ କିଛି କୁଲ୍ ଆସେସରିଜ୍‌ରେ ସଜାଇବାକୁ । ଏହାକୁ ନଜରରେ ରଖି ବଜାରରେ ବି ଗାଡିର ବିଭିନ୍ନ ପ୍ରକାରର ଆସେସରି ଉପଲବ୍ଧ ହୁଏ । ଏଇ ଯେମିତି ବ୍ୟାଂକକ୍‌ର ଟେକ୍ କମ୍ପାନୀ ୱାର୍ଲଡ ମୋଟୋ, ବାଇକ୍‌ର ଚକ ପାଇଁ ଆଣିଛି ଏକ ନିଆରା ଆସେସରି, ଯାହାର ନାଁ ହେଉଛି 'ହ୍ୱିଲିଜ୍' । ଏହି ଆସେସରି ଦ୍ୱାରା ବାଇକ୍‌ର ଫ୍ରଣ୍ଟ ଚକଟି କଲର୍ ଏଲ୍‌ଇଡି ସ୍କ୍ରିନ୍‌ରେ ପରିଣତ ହୋଇଯାଏ । ଯେଉଁଥିରେ କି ଫଟୋ, ଭିଡିଓ, ଆନିମେସନ୍, ଟେକ୍ସଟ୍, ବିଲ୍‌ବୋର୍ଡ ଆଦି ଦେଖି ହେବ । ଏହାର ବିଶେଷତ୍ୱ ହେଉଛି ଯେ ଚକ ବୁଲିବା ବେଳେ ବି ଡିସ୍‌ପ୍ଲେ ସ୍ଥିର ରହେ । ଏହି ଆବିଷ୍କାର ପରସିଷ୍ଟାନ୍ସ ଭିଜନ୍ ଉପରେ ପର୍ଯ୍ୟବସିତ । ଅର୍ଥାତ୍ ଦ୍ରୁତ ଗତିରେ ବୁଲୁଥିଲେ ବି ଛବି ସ୍ଥିର ଦେଖାଯିବା ପରି ଲାଗେ । ସାଧାରଣ ଭାଷାରେ କହିଲେ ଏହାର ଅର୍ଥ ହେଉଛି ଛବିଗୁଡ଼ିକ ବାସ୍ତବରେ ଚକ ଘୁରିବା ସହ ଘୁରିଥାଏ । ହେଲେ ସ୍ଥିର ଭଳି ପ୍ରତୀୟମାନ ହୁଏ । ପ୍ରତ୍ୟେକ ହ୍ୱିଲରେ ଆଠଟି ସ୍ପୋକ ରହିଛି, ଯେଉଁଥିରେ ୪୨୪ଟି ଏଲ୍‌ଇଡି ଲାଇଟ୍ ଲାଗିଛି । ଏକ କମ୍ପ୍ୟୁଟର ଚକର ଗତି ଓ ପ୍ରତ୍ୟେକ ସ୍ପୋକ୍‌ର ସ୍ଥିତି ଉପରେ ନଜର ରଖିଥାଏ । ଆଉ ଏଲଇଡିର ଆଲୋକକୁ ନିୟନ୍ତ୍ରିତ କରିଥାଏ । ଏହି କୁଲ ଆସେସରିକୁ ଚକରେ ଲଗାଇ ଜଣେ ବ୍ୟକ୍ତି କୌଣସି କମ୍ପାନୀର ବିଜ୍ଞାପନକୁ ପ୍ରଦର୍ଶିତ କରି ରୋଜଗାର କରପାରିବେ । ଅଥବା ଯୁବକମାନେ ଏହି ଆସେସରିଜ୍ ଦ୍ୱାରା ଗର୍ଲଫ୍ରେଣ୍ଡର ଫଟୋକୁ ପ୍ରଦର୍ଶିତ କରି ତାଙ୍କୁ ଇମ୍ପ୍ରେସ୍ କରିପାରିବେ ।